## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୦୨।୦୩।୨୦୨୨

| | |
|---|---|
| ୩, ୬୬, ୪୪୮ ଟଙ୍କା | |
| ସୁନା | ୧୧.୫୦୦ ଗ୍ରାମ |
| ରୁପା | ୨୮.୯୦୦ ଗ୍ରାମ |

## ଆଜି କ'ଣ କେଉଁଠି

**ଭୁବନେଶ୍ୱର**

- ଓଡ଼ିଶା ଉର୍ଦ୍ଦୁ ଏକାଡେମୀର ୩୬ତମ ପ୍ରତିଷ୍ଠା ଦିବସ ପାଳନ ଓ ତ୍ରିଭାଷୀ କବି ସମ୍ମିଳନୀ ଏବଂ ପୁସ୍ତକ ଉନ୍ମୋଚନ ସମାରୋହ, ରାଜ୍ୟ ମ୍ୟୁଜିୟମ ପରିସର, ପୂର୍ବାହ୍ନ ୧୦ଟା ୩୦।
- କଥାକାର ମାନସୀ ଦାସଙ୍କ ପୁସ୍ତକ ପାଠକାର୍ପଣ ଉତ୍ସବ, ଶ୍ରୀୟା ଛକସ୍ଥିତ ଆମ ଓଡ଼ିଶା କାର୍ଯ୍ୟାଳୟ, ଅପରାହ୍ନ ୪ଟା ୩୦।
- ଅନ୍ତର୍ଜାତୀୟ ଲେଖକ, ପୁରାଣବିତ ଓ ଚିତ୍ରଶିଳ୍ପୀ ଦେବଦତ୍ତ ପଟ୍ଟନାୟକଙ୍କ ୨ଟି ପୁସ୍ତକ ଉନ୍ମୋଚନ ସମାରୋହ, ସୂଚନା ଭବନ, ସନ୍ଧ୍ୟା ୬ଟା।
- ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ଇଷ୍ଟର୍ନ ଜୋନାଲ କଲଚରଲ ସେଣ୍ଟର, କୋଲକତାର ସାହିତ୍ୟ, କଳା ସଙ୍ଗୀତ ବିଭାଗର ମିଳିତ ଆନୁକୂଲ୍ୟରେ ଜାତୀୟ ନାଟ୍ୟ ଉତ୍ସବ 'ପୂର୍ବ ରଙ୍ଗ', ରବୀନ୍ଦ୍ର ମଣ୍ଡପ, ସନ୍ଧ୍ୟା ୬ଟା ୩୦।

**ବାଲିଅନ୍ତା**

- ୫୬ତମ ବାଦୀପାଲା ପରିବେଷଣ, ସତ୍ୟ ନାରାୟଣ ପୀଠ, ଶାଳେଶ୍ୱର, ସନ୍ଧ୍ୟା ୭ଟା।

# ବିପଦରେ ବାଲୁଖଣ୍ଡ ବନ୍ୟଜନ୍ତୁ

ପୁରୀ ଅଫିସ,୨।୩



ବନ୍ୟପ୍ରାଣୀଙ୍କ ସୁରକ୍ଷା ତଥା ଅବାଧ ବିଚରଣ ପାଇଁ ସରକାରୀ ସ୍ତରରେ ଅନେକ ପଦକ୍ଷେପ ନିଆଯାଉଛି। ଏପରିକି କେତେକ ଜଙ୍ଗଲକୁ ଅଭୟାରଣ୍ୟ ଘୋଷଣା କରାଯାଇଛି। ପୁରୀ ଜିଲାର ବାଲୁଖଣ୍ଡ ଅଭୟାରଣ୍ୟରେ ହରିଣ, ହେଟା, ବିଲୁଆ, ଗଧିଆ, ଠେକୁଆ, କୃଷ୍ଣସାର ମୃଗ, ଶାଳିଆପତନି, ଗୋଧି ଓ ବଣଭୂଆଁ ସମେତ ବିଭିନ୍ନ ପ୍ରକାର ବନ୍ୟପ୍ରାଣୀ ରହିଛନ୍ତି। ବିଶେଷକରି ଏଠାରେ ଅଧିକ ସଂଖ୍ୟକ ହରିଣ ଦେଖିବାକୁ ମିଳନ୍ତି। ତେବେ ବର୍ତ୍ତମାନ ଚିତ୍ର ଭିନ୍ନ। ବିଭିନ୍ନ କାରଣରୁ ଜଙ୍ଗଲ ନଷ୍ଟ ସାଙ୍ଗକୁ ଅନେକ ସମୟରେ ଶିକାର ଯୋଗୁ ଏଠାକାର ବନ୍ୟଜନ୍ତୁଙ୍କ ପ୍ରତି ବିପଦ ସୃଷ୍ଟି ହୋଇଛି।

୨୦୧୯ରେ ଫନୀ ବାତ୍ୟାରେ ବହୁ ଗଛଲତା ନଷ୍ଟ ହୋଇଥିବାବେଳେ ଅନେକ ଜୀବଜନ୍ତୁ ପ୍ରାଣ ହରାଇଥିଲେ। କେତେକ ଜୀବଜନ୍ତୁ ଏଣେତେଣେ ଚାଲିଯାଇଥିଲେ। ଅନ୍ୟପଟେ ସ୍ଥାନୀୟ ଗ୍ରାମାଞ୍ଚଳରେ ହରିଣ ଶିକାର ନେଇ ଅଭିଯୋଗ ହେଉଥିବାବେଳେ କ୍ରମଶଃ ଜଙ୍ଗଲ କ୍ଷୟ ଯୋଗୁ ବନ୍ୟପ୍ରାଣୀଙ୍କ ସଂଖ୍ୟା କମିବାରେ ଲାଗିଛି। ଏ ନେଇ ବନ ବିଭାଗ ଚୁପ୍ ବସିଛି। ଅନେକ ସମୟରେ ବାଲୁଖଣ୍ଡ ଅଭୟାରଣ୍ୟରୁ ନିକଟସ୍ଥ ସମଙ୍ଗରା, ବାଲିଗୁଆଳି, ନାଗପାଟଣା ଓ ଛଇତନା ପ୍ରଭୃତି ଅଞ୍ଚଳକୁ ହରିଣ, କୃଷ୍ଣସାର ମୃଗ ଆଦି ଚାଲିଆସିଥାନ୍ତି। ସେମାନଙ୍କ ମଧ୍ୟରୁ କେତେକ ଶିକାରୀଙ୍କ ହାବୁଡ଼ରେ ପଡ଼ିଥାନ୍ତି। ସେହିଭଳି ଫନୀ ବାତ୍ୟାରେ ବାଲୁଖଣ୍ଡ ଅଭୟାରଣ୍ୟର ୪ଶହ ହେକ୍ଟର ଜଙ୍ଗଲ ଧ୍ୱଂସ ପାଇଯାଇଛି। ସମ୍ପୃକ୍ତ ପଡ଼ିଆକୁ ପୁଣି ଥରେ ସବୁଜିମା କରିବା ପାଇଁ ବନ ବିଭାଗ ଉଦ୍ୟମ ଜାରି ରଖିଥିଲେ ମଧ୍ୟ ଏପର୍ଯ୍ୟନ୍ତ ତାହା ସମ୍ପୂର୍ଣ୍ଣ ଭାବେ ଫଳପ୍ରଦ ହୋଇପାରିନାହିଁ। ବନ ବିଭାଗର ଆକଳନ ଅନୁଯାୟୀ, ବାଲୁଖଣ୍ଡ ଅଭୟାରଣ୍ଡରେ ୫ହଜାରରୁ ଊର୍ଦ୍ଧ୍ୱ ହରିଣ ଦେଖିବାକୁ ମିଳୁଥିଲେ। ମାତ୍ର ଫନୀ ବାତ୍ୟା ପରେ ଏହି ସଂଖ୍ୟା କମି ଆସି ପାଖାପାଖି ୧ ହଜାରରେ ପହଞ୍ଚିଛି। ବାଲୁଖଣ୍ଡ ଅଭୟାରଣ୍ୟରେ ହରିଣଙ୍କ ସଂଖ୍ୟା ଉଲ୍ଲେଖନୀୟ ଭାବେ ହ୍ରାସ ପାଇଥିଲେ ମଧ୍ୟ ଏଥିପ୍ରତି ବନ ବିଭାଗର ନିଘା ନାହିଁ। ରାତ୍ରକାଳୀନ ପାଟ୍ରୋଲିଂ ବ୍ୟବସ୍ଥା ଢିଲା ହୋଇପଡ଼ିଛି। ବନବିଭାଗ ତରଫରୁ ହରିଣ ଗଣନା ନେଇ ମଧ୍ୟ କୌଣସି ସୂଚନା ନାହିଁ। ଅନ୍ୟପକ୍ଷେ, ଜିଲା ବନ ବିଭାଗ ଅଧିକାରୀ ରାମସ୍ୱାମୀ ଏସବୁ ଅଭିଯୋଗକୁ ଖଣ୍ଡନ କରି କହିଛନ୍ତି, ପାଟ୍ରୋଲିଂଠାରୁ ଆରମ୍ଭ କରି ସଂରକ୍ଷିତ ଜଳ ଉତ୍ସର ଗଣନା ଭଳି ସମସ୍ତ ପଦକ୍ଷେପ ଜଙ୍ଗଲ ବିଭାଗ ତରଫରୁ ନିଆଯାଇଛି। ଏହାବ୍ୟତୀତ ବିଭିନ୍ନ ସମୟରେ ବନ୍ୟପ୍ରାଣୀଙ୍କ ସୁରକ୍ଷା ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଲୋକଙ୍କୁ ଜୈବ ବିବିଧତା ସମ୍ପର୍କରେ ମଧ୍ୟ ସଚେତନ କରାଯାଉଛି। ତେବେ ଶେଷ ଥର ପାଇଁ କେବେ ହରିଣ ଗଣନା ହୋଇଥିଲା ସେ ନେଇ ସେ କିଛି ସୂଚନା ଦେଇପାରିନାହାନ୍ତି। ପରିବେଶବିତ୍ ଜଗନ୍ନାଥ ବସ୍ତିଆ କହିଛନ୍ତି, ବାଲୁଖଣ୍ଡ ଅଭୟାରଣ୍ୟ ପରିତ୍ୟକ୍ତ ଅବସ୍ଥାରେ ପଡ଼ିରହିଛି। ଜଙ୍ଗଲ କ୍ଷୟ ବଢିଚାଲିଛି। ବାଲି ଚୋରା ଚାଲାଣ ହେଉଛି। ବନ୍ୟଜନ୍ତୁଙ୍କ ପାଇଁ ଉପଯୁକ୍ତ ପରିବେଶ ଜରୁରୀ। ତେଣୁ ବନ ବିଭାଗ ଏଥିପ୍ରତି ପଦକ୍ଷେପ ନେଉ। ସେହିପରି ପରିବେଶବିତ୍ ହରିହର ମହାପାତ୍ର କହିଛନ୍ତି, ବନ୍ୟଜନ୍ତୁ ସଂରକ୍ଷଣ ନିମନ୍ତେ ଜୈବ ବିବିଧତା ଜରୁରୀ। ଅଭୟାରଣ୍ୟରେ ଅବାଧ ବଣଭୋଜି ହେଉଛି। ଏ ଦିଗରେ ବନ ବିଭାଗ ପଦକ୍ଷେପ ନେବା ଆବଶ୍ୟକ।

**ଆଜି ବିଶ୍ୱ ବନ୍ୟପ୍ରାଣୀ ଦିବସ**



ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ, ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ, ପୂର୍ବାଞ୍ଚଳ ସାଂସ୍କୃତିକ କେନ୍ଦ୍ର କୋଲକାତା ଏବଂ ଓଡ଼ିଶା ନାଟ୍ୟସଂଘ ପକ୍ଷରୁ ଭୁବନେଶ୍ୱର ରବୀନ୍ଦ୍ର ମଣ୍ଡପରେ ଚାଲିଥିବା ପୂର୍ବରଙ୍ଗ ଜାତୀୟ ନାଟ୍ୟ ଉତ୍ସବର ବୁଧବାର ଦ୍ୱିତୀୟ ସନ୍ଧ୍ୟାରେ ପରିବେଷିତ ନାଟକ 'ଧର୍ମାଶୋକ'ର ଏକ ଦୃଶ୍ୟ।

## ମାରଣାସ୍ତ୍ର ଦେଖାଇ ଟଙ୍କା ଆଦାୟ : ୪ ଗିରଫ

ପୁରୀ ଅଫିସ, ୨।୩

ମାରଣାସ୍ତ୍ର ଦେଖାଇ ଲୋକଙ୍କଠାରୁ ବଳପୂର୍ବକ ଟଙ୍କା ଆଦାୟ କରିବା ଅଭିଯୋଗରେ ପୁରୀ ଟାଉନ ଥାନା ପୋଲିସ ୪ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରିଛି। ସେମାନେ ହେଲେ ବାସେଳି ସାହି ଥାନା ଅନ୍ତର୍ଗତ ବାଲିସ୍କୁଲ ନିକଟ ତିଆଡି ସାହି ବଗିଚାର ଜ୍ୟୋତି ରଞ୍ଜନ ପାଇକରାୟ, ଟାଉନ ଥାନା ଅନ୍ତର୍ଗତ ଚୁଡ଼ଙ୍ଗ ସାହିର ମହାବୀର ମହାନ୍ତି, ରବି ନାରାୟଣ ପାତ୍ର ଏବଂ ବ୍ରହ୍ମଗିରି ଥାନା ଅନ୍ତର୍ଗତ ସୁନାମୁହିଁର ସୂର୍ଯ୍ୟ ନାରାୟଣ ବେହେରା। ଏମାନଙ୍କଠାରୁ ପୋଲିସ ଲୁହାରଡ୍, ଛୁରି ଓ ବାଇକ୍ ଜବତ କରିଛି।

## ସେଲ୍ଫି କର୍ନର ଧରିତ୍ରୀ

**ଆମକୁ ପଠାନ୍ତୁ ଆପଣଙ୍କ ସେଲ୍ଫି**

metroselfie@gmail.com



@ ଦୀପିକା



@ ହାପି



@ ପିଣ୍ଟୁ



@ ସମ୍ବିତ୍



@ ଶ୍ରୁତି



@ ସୁଦା

## ଉପରାଷ୍ଟ୍ରପତିଙ୍କ ଦ୍ୱାରା ଜଗନ୍ନାଥାଷ୍ଟକମ୍ ସଙ୍ଗୀତ ଲୋକାର୍ପିତ

**ଭୁବନେଶ୍ୱର,୨।୩(ବ୍ୟୁରୋ):** ଆଦି ଶଙ୍କରାଚାର୍ଯ୍ୟଙ୍କ ଦ୍ୱାରା ବିରଚିତ ତଥା ଓଡ଼ିଶାର ଆଧାତ୍ମିକ ଅନୁଷ୍ଠାନ 'ଡିଭାଇନ୍ କ୍ୟାପ୍‌ସୁଲ୍' ଦ୍ୱାରା ପ୍ରସ୍ତୁତ ଜଗନ୍ନାଥାଷ୍ଟକମ୍‌ର ସଙ୍ଗୀତ ସିଡ଼ୀକୁ ବୁଧବାର ବିଜୟୱାଡାର ସ୍ୱର୍ଣ୍ଣଭାରତୀ ସଭାଗାରରେ ଉପରାଷ୍ଟ୍ରପତି ଏମ୍. ଭେଙ୍କାୟା ନାଇଡୁ ଉନ୍ମୋଚନ କରିଛନ୍ତି। ଓଡ଼ିଶାର ସଂଗୀତ ନିର୍ଦ୍ଦେଶକ ଯକ୍ଷ ଦାଶ ଏହାର ନିର୍ଦ୍ଦେଶନା ଦେଇଥିବାବେଳେ ପ୍ରସିଦ୍ଧ କଣ୍ଠଶିଳ୍ପୀ ପଦ୍ମଶ୍ରୀ ସୁରେଶ ୱାଡେକର କଣ୍ଠଦାନ କରିଛନ୍ତି। ମୁଖ୍ୟ ଅତିଥି ଭାବେ ଯୋଗଦେଇ ଉପରାଷ୍ଟ୍ରପତି ନାଇଡୁ ଶ୍ରୀଜଗନ୍ନାଥ ସଂସ୍କୃତି ଓ ଚେତନାର ବିଶେଷତ୍ୱ ପ୍ରତିପାଦନ କରିବା ସହ ଜଗନ୍ନାଥାଷ୍ଟକମ୍ ସଂଗୀତ ମାଧ୍ୟମରେ ଦେଶ ବିଦେଶରେ ଜଗନ୍ନାଥ ଚେତନାର ପ୍ରଚାର ଓ ପ୍ରସାର ହୋଇପାରିବ ବୋଲି କହିଥିଲେ। ଏହି ଅବସରରେ ଡିଭାଇନ୍ କ୍ୟାପସୁଲର ପ୍ରତିଷ୍ଠାତା ପ୍ରସେନଜିତ ହରିଚନ୍ଦନ, ଉପଦେଷ୍ଟା ପ୍ରଫେସର ହରେକୃଷ୍ଣ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ହରିଚନ୍ଦନ ଉପରାଷ୍ଟ୍ରପତିଙ୍କୁ କୃତଜ୍ଞତା ଜଣାଇବା ସହ ଶ୍ରୀଜଗନ୍ନାଥଙ୍କ ଏକ ମୂର୍ତ୍ତି ପ୍ରଦାନ ପୂର୍ବକ ସମ୍ବର୍ଦ୍ଧିତ କରିଥିଲେ।

# ଶୁଆ ଶାବକଙ୍କ ପ୍ରତି ବଢୁଛି ନିଷ୍ଠୁରତା

ଭୁବନେଶ୍ୱର,୨।୩(ବ୍ୟୁରୋ)





ଜଣେ ଯୁବକ ଶୁଆ ଶାବକ ଆଣିବାକୁ ଗଛରେ ଚଢୁଛନ୍ତି। କୋରଡ଼ରୁ ଶୁଆ ଶାବକଙ୍କୁ ଆଣିବା ପରେ ଖାଇବାକୁ ଦେଉଛନ୍ତି।

ଆଖି ଠିକ୍ ଭାବେ ଫିଟି ନାହିଁ। ଦେହରେ ପର ବି ସମ୍ପୂର୍ଣ୍ଣ ଲାଗି ନାହିଁ। ଗୁରୁଣ୍ଡି ଗୁରୁଣ୍ଡି ମା' ମୁହଁରୁ ଖାଦ୍ୟ, ଆଉ ସ୍ନେହକୁ ଅପେକ୍ଷା କରି ରହୁଥିବା ଶୁଆ ଶାବକଙ୍କୁ ଅତି ନିଷ୍ଠୁର ଭାବେ ଗଛ କୋରଡ଼ରୁ ଉଠାଇ ଆଣୁଛନ୍ତି ଶିକାରୀ। ଏଭଳି ପୂରା ଘଟଣାର ଭିଡିଓ ସୋସିଆଲ ମିଡିଆରେ ଏବେ ଭାଇରାଲ ହେବାରେ ଲାଗିଛି। କନ୍ଧମାଳ ଏଲ୍.କେ. ଚ୍ୟାନେଲ ନାମକ ୟୁଟ୍ୟୁବ୍ ଆକାଉଣ୍ଟରୁ ଅପ୍‌ଲୋଡ଼ ହୋଇଥିବା ଏହି ଭିଡ଼ିଓରେ ଜଣେ ଯୁବକ ଜଙ୍ଗଲରେ ଏକ ଗଛ ଉପରେ ଚଢ଼ି କୋରଡ ଭିତରୁ ଶୁଆ ଶାବକଙ୍କୁ ବାହାର କରି ଗାମୁଛାରେ ବାନ୍ଧି ତଳକୁ ଓହ୍ଲାଉଥିବାର ଦୃଶ୍ୟ ରହିଛି। ପରେ ସେ ୩ ଆଲେକଜାଣ୍ଡ୍ରିନ୍ ପାରାକିଟ୍ ବା ନାହାକା ଶୁଆ ଛୁଆଙ୍କୁ ତଳେ ଛାଡୁଛି। ତେଣାରେ ସମ୍ପୂର୍ଣ୍ଣ ପର ଲାଗି ନ ଥିବାରୁ ସେମାନେ ଉଡି ନ ପାରି ତଳେ ଚାଲୁଛନ୍ତି। ଅନ୍ୟ ଏକ ଭିଡିଓରେ ୮ଟି ଆଲେକଜାଣ୍ଡ୍ରିନ୍ ଶୁଆ ଶାବକଙ୍କୁ ଏକ ଗିନାରେ ଭାତ ଖାଉଥିବା ଦେଖିବାକୁ ମିଳୁଛି। ଏସବୁ ଭିଡିଓକୁ ଡାଉନ୍‌ଲୋଡ୍ କରି ଇମେଲ୍ ଯୋଗେ ରାଜ୍ୟର ମୁଖ୍ୟ ବନ୍ୟ ପ୍ରାଣୀ ତତ୍ତ୍ୱାବଧାରକଙ୍କୁ ପଠାଇ ବିଧିବଦ୍ଧ ଅଭିଯୋଗ କରିଛନ୍ତି ଖୋର୍ଦ୍ଧା ଜିଲାର ଅବୈତନିକ ବନ୍ୟ ପ୍ରାଣୀ ତତ୍ତ୍ୱାବଧାରକ ଶୁଭେନ୍ଦୁ ମଲ୍ଲିକ। ସେ ଦୁଇଟି ଯାକ ଭିଡ଼ିଓର ୟୁଆର୍‌ଏଲ୍ ଥାଇ ସ୍କ୍ରିନ୍‌ସଟ୍‌କୁ ପ୍ରମାଣ ସ୍ୱରୂପ ସଂଲଗ୍ନ କରିଛନ୍ତି। ଏଥିସହ ଅଭିଯୋଗର ଏକ ନକଲ ୱାଇଲ୍ଡ ଲାଇଫ କ୍ରାଇମ୍ କଣ୍ଟ୍ରୋଲ ବ୍ୟୁରୋର ଅତିରିକ୍ତ ନିର୍ଦ୍ଦେଶକ ତିଲୋତ୍ତମା ବର୍ମାଙ୍କୁ ମଧ୍ୟ ଦେଇଛନ୍ତି।

### ଭିଡିଓ ଭାଇରାଲ, କାର୍ଯ୍ୟାନୁଷ୍ଠାନ ଦାବି

ହେଲେ ଏହା ଉପରେ କୌଣସି ପଦକ୍ଷେପ ନିଆଯାଇ ନ ଥିବା ଜଣାପଡିଛି। ବନ ବିଭାଗର ଦାୟିତ୍ୱହୀନତା ଯୋଗୁ ରାଜ୍ୟରେ ବେଆଇନ ବନ୍ୟପ୍ରାଣୀ ଶିକାର ଦିନକୁ ଦିନ ବଢ଼ିବାରେ ଲାଗିଛି। ବେଳେବେଳେ ଶୁଆ ଚାଲାଣ ଧରାଯିବା ସହ ସମ୍ପୃକ୍ତ ବିକ୍ରେତା ବା ଚାଲାଣକାରୀଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ହେଉଛି। ହେଲେ କୋହଳ ତଦନ୍ତରୁ ଅଭିଯୁକ୍ତମାନେ ଜାମିନରେ ଖସି ଯାଉଛନ୍ତି। ଶୁଆ କିମ୍ବା ଅନ୍ୟ କୌଣସି ଭାରତୀୟ ବନ୍ୟପ୍ରାଣୀ ବା ଟ୍ରଫିକୁ ଧରି ଫଟୋ ବା ଭିଡ଼ିଓ କରି ସୋସିଆଲ ମେଡିଆରେ ଅପ୍‌ଲୋଡ୍ କରିବା ଏକ ବେଆଇନ କାର୍ଯ୍ୟ ବୋଲି ୨୦୧୪ରୁ ୱାଇଲ୍ଡ ଲାଇଫ କ୍ରାଇମ୍ କଣ୍ଟ୍ରୋଲ ବ୍ୟୁରୋ ତରଫରୁ ନିଷେଧାଜ୍ଞା ଜାରି କରାଯାଇଛି। ହେଲେ ବନ ବିଭାଗ କାର୍ଯ୍ୟାନୁଷ୍ଠାନ ନ ନେବା ଫଳରେ ଏଭଳି ବେଆଇନ କାମ ଓଡ଼ିଶାରେ ଦିନକୁ ଦିନ ବଢ଼ିବାରେ ଲାଗିଛି। ଜଙ୍ଗଲରୁ ଶୁଆ ଶାବକଙ୍କୁ ପର ଉଠି ନ ଥିବା ଅବସ୍ଥାରେ ଧରି ଚାଲାଣ କରାଯାଉଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ନେବାକୁ ଶୁଭେନ୍ଦୁ ଦାବି କରିଛନ୍ତି।

## ୧୧ରେ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା

କଟକ ଅଫିସ,୨।୩

ଆସନ୍ତା ୧୧ ତାରିଖରେ ପଠାଣି ସାମନ୍ତ ଗଣିତ ମେଧାବୃତ୍ତି ପରୀକ୍ଷା ଅନୁଷ୍ଠିତ ହେବ। ଏନେଇ ଓଡ଼ିଶା ମାଧ୍ୟମିକ ଶିକ୍ଷା ପରିଷଦ(ବୋର୍ଡ) ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ପରୀକ୍ଷା ଦେବାକୁ ଥିବା ଛାତ୍ରୀଛାତ୍ରମାନେ ବୋର୍ଡ ୱେବ୍‌ସାଇଟ୍ bseodisha.ac.inରୁ ଆଡମିଟ୍ କାର୍ଡ ଡାଉନ୍‌ଲୋଡ୍ କରିପାରିବେ। ଚଳିତବର୍ଷ ଏହି ପରୀକ୍ଷା ଦୁଇଟି ପର୍ଯ୍ୟାୟରେ ହେବ। ଷଷ୍ଠ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ପ୍ରଥମ ପର୍ଯ୍ୟାୟ ଓ ନବମ ଶ୍ରେଣୀ ଛାତ୍ରୀଛାତ୍ରଙ୍କ ପାଇଁ ଦ୍ୱିତୀୟ ପର୍ଯ୍ୟାୟରେ ପରୀକ୍ଷା ହେବ। ପ୍ରଥମ ପର୍ଯ୍ୟାୟ ପରୀକ୍ଷା ପାଇଁ ୩୮, ୬୮୭ ଜଣ ଓ ଦ୍ୱିତୀୟ ପର୍ଯ୍ୟାୟ ପରୀକ୍ଷା ପାଇଁ ୪୬, ୩୬୧ ଜଣ ଫର୍ମ ପୂରଣ କରିଛନ୍ତି। ତେବେ ଉକ୍ତ ଦୁଇଟି ପରୀକ୍ଷା ସକାଳ ୯ଟାରୁ ମଧ୍ୟାହ୍ନ ୧୨ଟା ପର୍ଯ୍ୟନ୍ତ ଅନୁଷ୍ଠିତ ହେବ। ଏଥିପାଇଁ ବୋର୍ଡ ପକ୍ଷରୁ ରାଜ୍ୟର ବିଭିନ୍ନ ଜିଲାରେ ୫୩୯ଟି ପରୀକ୍ଷା କେନ୍ଦ୍ର କରାଯାଇଛି।



ଅମାବାସ୍ୟା ଅବସରରେ ବୁଧବାର ଅମାବାସ୍ୟା ନାରାୟଣଙ୍କୁ ସାଗର ବିଜେ ନୀତି ପାଇଁ ପୁରୀ ମହୋଦଧିକୁ ନିଆଯାଉଛି।



ଜାଗର ଯାତ୍ରା ଶେଷ ହେବା ପରେ ବୁଧବାର ପୁରୀର ଶ୍ରୀଲୋକନାଥ ମନ୍ଦିର ପରିସରରେ ଆବର୍ଜନା ପଡ଼ିରହିଛି




ୟୁକ୍ରେନ ଏବଂ ରୁଷ୍ ମଧ୍ୟରେ ଯୁଦ୍ଧ ବନ୍ଦ ସହ ଶାନ୍ତି ପ୍ରତିଷ୍ଠା ଦାବିରେ ଖୋର୍ଦ୍ଧା ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଶାଖା ପକ୍ଷରୁ ବୁଧବାର ଟାଉନ ଛକରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ପ୍ରାର୍ଥୀ ହେବାକୁ ଆହ୍ୱାନ କଲା ଏଏପି**

ଭୁବନେଶ୍ୱର,(ବ୍ୟୁରୋ): ବିଏମ୍‌ସି ନିର୍ବାଚନରେ ଅଧକ୍ଷ, ଉପାଧକ୍ଷ ଓ କର୍ପୋରେଟର ପଦ ପାଇଁ ଆମ୍ ଆଦମୀ ପାର୍ଟି ପକ୍ଷରୁ ପ୍ରାର୍ଥୀ ଦେବାକୁ ପ୍ରକ୍ରିୟା ଆରମ୍ଭ ହୋଇଛି। ଏନେଇ ବୁଧବାର ଏକ ବୈଠକ ବସିଥିଲା। ଇଚ୍ଛୁକ ବ୍ୟକ୍ତିମାନ ଆପ୍‌ରୁ ପ୍ରାର୍ଥୀ ହେବା ପାଇଁ ଆବେଦନ କରିବାକୁ ଆହ୍ୱାନ ଦିଆଯାଇଛି। ଏନେଇ ଦଳର ରାଜ୍ୟ ସମ୍ପାଦକ ନିଶିକାନ୍ତ ମହାପାତ୍ର କହିଛନ୍ତି, ଦଳ ଅଧିକରୁ ଅଧିକ ଚେତନଶୀଳ ଲୋକଙ୍କ ସହଯୋଗରେ ଗୋଟିଏ ଉନ୍ନତ, ନିଷ୍କଳଙ୍କ ମହାନଗର ନିଗମ ଗଠନ କରିପାରିବ ବୋଲି ବିଶ୍ୱାସ କରେ। ଏଣୁ ନିର୍ବାଚନରେ ଆପ୍‌ରୁ ଲଢ଼ିବା ପାଇଁ ଆବେଦନ କରିବାକୁ ଚାହୁଁଥିବା ବ୍ୟକ୍ତିଙ୍କୁ ଦଳ ସ୍ୱାଗତ କରିବ ବୋଲି ସେ କହିଛନ୍ତି।

## ସଂକ୍ଷେପରେ

### ମଦ ସହ ବୋଲେରୋ ଜବତ, ଡ୍ରାଇଭର ଗିରଫ

**ବାରଙ୍ଗ,୨।୩(ଡି.ଏନ୍.ଏ.):** ଚୋରା ମଦ ନେଇ ଆସୁଥିବା ବୋଲେରୋକୁ ବୁଧବାର ବାରଙ୍ଗ ଥାନା ପୋଲିସ ଜବତ କରିଛି। ଉକ୍ତ ବୋଲେରୋରୁ ୨୮୦ ଲିଟର ଦେଶୀ ମଦ ଜବତ କରିବା ସହ ଚାଳକ ଗିରିଶ ଚନ୍ଦ୍ର ଜେନାଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୪୨/୨୨) ରୁଜୁ କରାଯାଇଛି। ଆଠଗଡ ପଟରୁ ଏକ ଧଳା ରଙ୍ଗର ବୋଲେରୋ ଗାଡି ନଂ. ଓଆର ୦୨ ବିକେ ୪୫୪୯ ଆସୁଥିଲା। ଖବର ପାଇ ପୋଲିସ ମଧୁବନ ଗ୍ରାମ ନିକଟସ୍ଥ ପୁରୀ ମୁଖ୍ୟ କେନାଲ ପାଖରେ ଜଗି ରହିଥିଲେ। ବୋଲେରୋ ସେଠି ପହଞ୍ଚିବା ପରେ ପୋଲିସ ଅଟକାଇ ଯାଞ୍ଚ କରିବାରୁ ସେଥିରେ ମଦ ଥିବା ଜାଣିଥିଲେ। ଏହାପରେ ଚାଳକ ଏବଂ ଗାଡିକୁ ଥାନାକୁ ନେଇଥିଲେ। ମଦ ଭର୍ତ୍ତି ବୋଲେରୋଟି ବାଲିଅନ୍ତା ଅଞ୍ଚଳକୁ ଯାଉଥିବାର ପୋଲିସ ଅନୁଧାନବେଳେ ଜାଣିବାକୁ ପାଇଥିଲା ବୋଲି ଥାନା ଅଧିକାରୀ ଆକାଶ ଚନ୍ଦ୍ର ରାଣା ସୂଚନା ଦେଇଛନ୍ତି।

### ଲିଙ୍ଗରାଜ ମନ୍ଦିରରେ ଶ୍ରମଦାନ ଶିବିର

**ପୁରୁଣା ଭୁବନେଶ୍ୱର,୨।୩(ଡି.ଏନ.ଏ):** ମହାଶିବରାତ୍ରି ପରେ ଏକାମ୍ର କ୍ଷେତ୍ରର ଆରାଧ ଦେବତା ଶ୍ରୀଲିଙ୍ଗରାଜଙ୍କ ପୀଠରେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ସ୍ୱେଚ୍ଛାକୃତ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାତଃରୁ ମନ୍ଦିର ପରିସରରେ ପଡ଼ିଥିବା ପଲିଥିନ୍, ବେଲପତ୍ର, ଶ୍ରଦ୍ଧାଳୁମାନେ ଛାଡ଼ିଯାଇଥିବା ଦୀପ, କୁଡୁଆ ଆଦି କୁଢ କୁଢ ବର୍ଜ୍ୟବସ୍ତୁଗୁଡ଼ିକୁ ସଫେଇ କରାଯାଇଛି। ଏଥିସହ ଝାଡୁ ଓ ଝୁଡ଼ି ଧରି ସମ୍ପୂର୍ଣ୍ଣ ମନ୍ଦିର ପରିସରକୁ ବିଭିନ୍ନ ଅନୁଷ୍ଠାନର ସଦସ୍ୟମାନେ ସଫେଇ କରିଥିଲେ। ମିସିଂ ଫାଉଣ୍ଡେଶନର ସୁରେନ୍ଦ୍ର ନାଥ ଜେନା ଟ୍ରଷ୍ଟ, ମାଇଣ୍ଡି ଏନପାୱାରମେଣ୍ଟ ଫାଉଣ୍ଡେଶନ, ଧଉଳି ଚାରୁକଳା ମହାବିଦ୍ୟାଳୟର ଏନ୍‌ଏସ୍‌ଏସ୍ ଛାତ୍ରୀଛାତ୍ର, ରେଡ୍‌ସ୍ୱସ୍ତିକ୍ ସୋସାଇଟି, ଓଡ଼ିଶା ଶାଖା କର୍ମଚାରୀ, ପ୍ରଦୀପ ସେବା ଟ୍ରଷ୍ଟ, ସେବା ପ୍ରତିନିଧି ଆଦି ଅନୁଷ୍ଠାନ ସହ ସାମାଜିକ କର୍ମୀ ସୁଶାନ୍ତ ସାହୁ, ଚନ୍ଦନ ସାମଲ, ଲକ୍ଷ୍ମୀଧର ସ୍ୱାଇଁ ପ୍ରମୁଖ ଏହି ଶ୍ରମଦାନ ଶିବିରରେ ନିୟୋଜିତ ଥିଲେ।

### ପୌର ନିର୍ବାଚନ ପାଇଁ ୱାର୍ଡ଼ ପ୍ରସ୍ତୁତି ବୈଠକ ଆରମ୍ଭ

**ପୁରୁଣା ଭୁବନେଶ୍ୱର,୨।୩(ଡି.ଏନ.ଏ):** ପଞ୍ଚାୟତ ନିର୍ବାଚନ ପରେ ପୌର ନିର୍ବାଚନ ବିଗୁଲ ବାଜିଲାଣି। କର୍ପୋରେଟର ପଦ ଆଶାୟୀ ପ୍ରାର୍ଥୀ ଏବେଠୁ ୱାର୍ଡ଼ ପ୍ରସ୍ତୁତି ବୈଠକ ଆରମ୍ଭ କଲେଣି। ୬୦ନମ୍ବର ୱାର୍ଡ଼ର ପୂର୍ବତନ କର୍ପୋରେଟର ରାଜେନ୍ଦ୍ର ସମର୍ଥା ଏଥର ମଧ ନିର୍ବାଚନ ଲଢ଼ିବାକୁ ଆଶା ରଖିଛନ୍ତି। ଏହି ପରିପ୍ରେକ୍ଷୀରେ ରାଜେନ୍ଦ୍ର ବୁଧବାର ଶାସନ ପଡ଼ିଆସ୍ଥିତ ୱାର୍ଡ଼ କାର୍ଯ୍ୟାଳୟରେ ପ୍ରାକ୍ ନିର୍ବାଚନ ପ୍ରସ୍ତୁତି ବୈଠକ ଆରମ୍ଭ କରିଛନ୍ତି। ଦୁଇ ମହାସଂଘର ୨୨ଟି ସ୍ୱୟଂ ସହାୟକ ଗୋଷ୍ଠୀର ସଭ୍ୟାମାନେ ଯୋଗଦେଇ ବିଭିନ୍ନ ଦିଗ ଉପରେ ଆଲୋଚନା କରିଥିଲେ। ପ୍ରତିଭା ନାୟକଙ୍କ ଅଧକ୍ଷତାରେ ଆୟୋଜିତ ବୈଠକରେ ମମତା ଦତ୍ତ, ପ୍ରଭାତୀ ରାଉତ, ନଳିନୀ ସମର୍ଥା, ୱାର୍ଡ଼ ସଭାପତି ସରୋଜ ପଣ୍ଡା, ବରିଷ୍ଠ ସେବାୟତ ନରସିଂହ ଖୁଣ୍ଟିଆ, ଏକାମ୍ର ବରିଷ୍ଠ ନାଗରିକ ମଞ୍ଚ ସମ୍ପାଦକ ଧିରେନ ପଟ୍ଟନାୟକ ସହ ବହୁ ଦଳୀୟ କର୍ମୀ ଯୋଗଦେଇଥିଲେ।

### ବାଇଧର ପରିଡାଙ୍କ ଶ୍ରାଦ୍ଧୋତ୍ସବ

ଭୁବନେଶ୍ୱର,୨।୩(ବ୍ୟୁରୋ) : ପଳାଶୁଣି ଖଣ୍ଡେଶ୍ୱରୀ କଳା ସଂସଦର ପ୍ରତିଷ୍ଠାତା କଳାକାର, ବାମପନ୍ଥୀ ଚିନ୍ତାଧାରାର ବ୍ୟକ୍ତିତ୍ୱ, ସାମାଜିକ, ସାଂସ୍କୃତିକ ତଥା ଆଧାତ୍ମିକ ସଂଗଠକ ସ୍ୱର୍ଗତ ବାଇଧର ପରିଡାଙ୍କ ଦଶମ ବାର୍ଷିକ ଶ୍ରାଦ୍ଧୋତ୍ସବ ଅନୁଷ୍ଠିତ ହୋଇଯାଇଛି। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗର ଅନୁଶାସନ ସଚିବ ଲକ୍ଷ୍ମୀଧର ବେହେରା, ଗାୟକ ଆହ୍ଲାଦ ସୁରେନ୍ଦ୍ରନାଥ ଛୋଟରାୟ, ସଙ୍ଗୀତ ଗୁରୁ ପ୍ରଫୁଲ୍ଲ କୁମାର ବଳ, ଗାୟିକା କଳ୍ପନା ଓଝା, ସଙ୍ଗୀତଜ୍ଞ ବଶିଷ୍ଠ ନାୟକ, ସାମାଜିକ ସଂଗଠକ ସହଦେବ ତରାଇ, ଲକ୍ଷ୍ମୀଧର ନାୟକ ପ୍ରମୁଖ ସ୍ୱର୍ଗତଃ ପରିଡାଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ମୁରଲୀଧର ମହାପାତ୍ରଙ୍କୁ ବାଇଧର ପରିଡା ସମ୍ମାନରେ ସମ୍ମାନିତ କରାଯାଇଥିଲା। ରଶ୍ମିରେଖା ସହଯୋଗ କରିଥିବାବେଳେ ଗୌରାଙ୍ଗ ପରିଡା ଧନ୍ୟବାଦ ଦେଇଥିଲେ।

# ଯୋଗ୍ୟତା ପତ୍ର, ଇଣ୍ଟେଲିଜେନ୍ସ ରିପୋର୍ଟ ଆଳ

## ଟିକେଟ୍ ଆଶାୟୀଙ୍କୁ ବୁଝାଇବାକୁ ପ୍ରୟାସ

- ମେୟର ପ୍ରାର୍ଥୀ ଚୂଡ଼ାନ୍ତ କଲେଣି ସବୁ ଦଳ, ଘୋଷଣାକୁ ଅପେକ୍ଷା

ଭୁବନେଶ୍ୱର, ୨।୩(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପାଇଁ ଆସନ୍ତା ୨୪ ତାରିଖରେ ଭୋଟ ହେବାକୁ ଥିବାବେଳେ ବୁଧବାରଠାରୁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ହେଲେ ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ଏ ପର୍ଯ୍ୟନ୍ତ ପ୍ରାର୍ଥୀ ଚୂଡ଼ାନ୍ତ ହୋଇନାହିଁ। ସବୁ ଦଳ ତରଫରୁ ପ୍ରାର୍ଥୀ ଚୟନକୁ ନେଇ ଚିନ୍ତା ବଢ଼ିଥିବାବେଳେ ଜୋର୍‌ଦାର ବୈଠକ ହେଉଛି। ଅନ୍ୟପକ୍ଷରେ ନାମାଙ୍କନକୁ ଆଉ ମାତ୍ର ୫ଦିନ ଥିବାରୁ ସବୁ ଦଳ ନିଜ ମେୟର ପ୍ରାର୍ଥୀ ପ୍ରାୟ ଚୂଡ଼ାନ୍ତ କରିବା ପର୍ଯ୍ୟାୟରେ ପହଞ୍ଚିଗଲେଣି।

ଶାସକ ଦଳରେ ସବୁ ୱାର୍ଡ ପାଇଁ ଆଶାୟୀଙ୍କ ସଂଖ୍ୟା ବହୁ ମାତ୍ରାରେ ବଢ଼ିଛି। ସେମାନଙ୍କୁ ବୁଝାଇ ରଖିବା ସକାଶେ ଦଳ ମଧ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିଛି। ଯେଉଁମାନେ କୌଣସି ଆଡୁ ଚାପ ପକାଇ ଟିକେଟ ନେବାକୁ ପ୍ରୟାସ କରୁଛନ୍ତି ଶାସକ ଦଳ ସେମାନଙ୍କଠାରୁ ଯୋଗ୍ୟତା ପ୍ରମାଣପତ୍ର ମଗାଉଛି। ଏହାପରେ ବିଧାୟକମାନେ ଉକ୍ତ ଯୋଗ୍ୟତା ପ୍ରମାଣପତ୍ର ଉପରକୁ ପଠାଇଦେଇଥିବା ସହ ଇଣ୍ଟେଲିଜେନ୍ସ ରିପୋର୍ଟକୁ ଅପେକ୍ଷା କରିବାକୁ କହି ବୁଝାଶୁଝାଇ ରଖୁଛନ୍ତି। ପ୍ରତ୍ୟେକ ୱାର୍ଡ ପାଇଁ ୩ ଜଣ ଲେଖା ଆଶାୟୀଙ୍କ ତାଲିକା କରି ଦେବାକୁ ଦଳର ଶୀର୍ଷ ନେତୃତ୍ୱଙ୍କ ତରଫରୁ ବିଏମ୍‌ସି ଅଞ୍ଚଳରେ ଆସୁଥିବା ୩ ନିର୍ବାଚନମଣ୍ଡଳୀର ବିଧାୟକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହି ଅନୁସାରେ ବିଧାୟକମାନେ ଦୁଇଦିନ ତଳୁ ସେହି ପ୍ରକ୍ରିୟା ମଧ ଏକ ପ୍ରକାର ଶେଷ କରିସାରିଛନ୍ତି। ଏହାପରେ ଯେଉଁମାନେ ଆଶାୟୀ ରହୁଛନ୍ତି ସେମାନଙ୍କୁ ବୁଝାଇବା ଲାଗି ଏହି ଫର୍ମୁଲା ବିଧାୟକମାନେ ଆପଣାଇଛନ୍ତି। ଅନ୍ୟପଟେ ବିଜେଡି ଆସନ୍ତା ୪ ଏବଂ ୫ ତାରିଖ ୨ଟି ପର୍ଯ୍ୟାୟରେ ସବୁ ୱାର୍ଡ ପାଇଁ କାହାକୁ କେଉଁଠାରୁ ପ୍ରାର୍ଥୀ କରାଯିବ ସେନେଇ ଚୂଡ଼ାନ୍ତ ତାଲିକା ଘୋଷଣା କରାଯିବ। ଏହାଦ୍ୱାରା ଅସନ୍ତୁଷ୍ଟଙ୍କୁ ମଧ ବିରୋଧୀ ଦଳଗୁଡିକ ସେତେ ମାତ୍ରାରେ ନିଜ ଆଡ଼କୁ ନେବା ସମ୍ଭାବନା କମ୍ ରହିବ ବୋଲି ଚର୍ଚ୍ଚା ଲାଗି ରହିଛି। ସେପଟେ ପୂର୍ବରୁ ମେୟର ପଦବୀ ଲାଗି ୩ ଜଣଙ୍କ ନାଁକୁ ନେଇ ଚାଲିଥିବା ଚର୍ଚ୍ଚାରେ ସାମାନ୍ୟ ପରିବର୍ତ୍ତନ ଆସିଛି। ଦଳ ପକ୍ଷରୁ 'ମୋ ସ୍କୁଲ ଅଭିଯାନ' ଅଧକ୍ଷା ସୁସ୍ମିତା ବାଗ୍‌ଚୀଙ୍କୁ ମେୟର ପ୍ରାର୍ଥୀ କରାଯିବା ଯଥେଷ୍ଟ ସମ୍ଭାବନା ଥିବା ଦଳର ବହୁ ଆଗଧାଡ଼ିର ନେତାଙ୍କ ମୁହଁରୁ ଶୁଣିବାକୁ ମିଳିଲାଣି। ଯଦିଓ ଦଳ କାହାରିକୁ ପ୍ରାର୍ଥୀ କରିବ ସେକଥା ସ୍ପଷ୍ଟ ଭାବେ କହିପାରୁନାହାନ୍ତି ତଥାପି ବାଗ୍‌ଚୀଙ୍କ ନାଁ ନେଇ ଅଧିକ ଆଲୋଚନା କରୁଛନ୍ତି। ଅନ୍ୟପଟେ ସବୁଠାରୁ ବଡ଼ କଥା ହେଉଛି ମେୟର ପଦବୀ ଲାଗି ଦଳରୁ ମଧ କେହି ଆଶାୟୀ ସେମିତି ନାହାନ୍ତି। ଯେହେତୁ ଦଳ ନିଷ୍ପତ୍ତି କେହି ଜାଣୁନାହାନ୍ତି ସେଥିଲାଗି ଆଶା ମଧ କରିବାକୁ କେହି ସାହସ କରୁନାହାନ୍ତି। ୫ ତାରିଖରେ ଦଳ ମେୟର ପ୍ରାର୍ଥୀଙ୍କ ନାଁ ଘୋଷଣା କରିପାରେ।

ସେହିପରି ବିଏମ୍‌ସି ଭୋଟ ନେଇ କଂଗ୍ରେସ ପକ୍ଷରୁ ଗଠନ ହୋଇଥିବା ପୌର ନିର୍ବାଚନ ପରିଚାଳନା କମିଟିର ବୈଠକ ବୁଧବାର ବରିଷ୍ଠ ନେତା ନରସିଂହ ମିଶ୍ରଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଛି। ବିଏମ୍‌ସିର ସବୁ ୱାର୍ଡର ଟିକେଟ ବଣ୍ଟନ ଦାୟିତ୍ୱ ଜିଲା କମିଟି ହାତରେ ଟେକି ଦିଆଯାଇଛି। ତେଣୁ କର୍ପୋରେଟର ଟିକେଟ ବଣ୍ଟନ ପୂର୍ବରୁ ଆଶାୟୀ ପ୍ରାର୍ଥୀଙ୍କ ତାଲିକାକୁ ଅନୁଧ୍ୟାନ କରି ଚୂଡ଼ାନ୍ତ ରିପୋର୍ଟ ପ୍ରକାଶ ପାଇଁ ଆଉ ୨ ଦିନ ଲାଗିବ ବୋଲି ଦଳର ଜଣେ ବରିଷ୍ଠ ନେତା କହିଛନ୍ତି। ଯଦି ପ୍ରାର୍ଥୀ ଚୟନରେ ସମସ୍ୟା ହୁଏ, ତେବେ ପରବର୍ତ୍ତୀ ସମୟରେ ତାହା ପରିବର୍ତ୍ତନ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଦଳରେ ଯଦିଓ ପ୍ରାର୍ଥୀ ହେବା ଲାଗି ସେତେଟା ଆଶାୟୀଙ୍କ ସଂଖ୍ୟା ଥିବା ଭଳି ମନେ ହେଉନାହିଁ ତେଣୁ ମେୟର ପଦବୀର ପ୍ରାର୍ଥୀଙ୍କୁ ନେଇ ଦଳ ବିଶେଷ ଗୁରୁତ୍ୱ ଦେଉଛି। କଂଗ୍ରେସ ପକ୍ଷରୁ ମଧୁସ୍ମିତା ଆଚାର୍ଯ୍ୟଙ୍କୁ ମେୟର ପ୍ରାର୍ଥୀ କରାଯିବା ନେଇ ଏକ ପ୍ରକାର ଚୂଡ଼ାନ୍ତ ହୋଇସାରିଥିବା ଜଣାପଡ଼ିଛି। ଚର୍ଚ୍ଚାରେ ରଶ୍ମି ମହାପାତ୍ରଙ୍କ ନାମ ଥିଲେ ମଧ ମଧୁସ୍ମିତାଙ୍କୁ ଟିକେଟ ମିଳିବ ବୋଲି ଦଳର ଜଣେ ବରିଷ୍ଠ ନେତା ବୈଠକ ସରିବାପରେ ମତ ରଖିଛନ୍ତି।

ଅନୁରୂପଭାବେ ଭାଜପାରେ ମଧ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଶେଷ କରିବା ଏକ ବଡ ଚ୍ୟାଲେଞ୍ଜର ବିଷୟ ପାଲଟିଛି। ଦଳ ତରଫରୁ ଟିକେଟ ଦିଆଯାଇ ନ ଥିଲେ ମଧ ଯେଉଁମାନଙ୍କୁ ପ୍ରାର୍ଥୀ କରାଯିବ ସେକଥା ସେମାନଙ୍କୁ କହିଦିଆଗଲାଣି। ତେଣୁ ଆଶାୟୀ ପ୍ରାର୍ଥୀମାନେ ନିଜ ନିଜର ୱାର୍ଡ ପାଇଁ ଦଳୀୟ ପତାକା, ଉତ୍ତରୀୟ ଆଦି ନେବା ଆରମ୍ଭ କରିଦେଇଛନ୍ତି। ଗୁରୁବାର ଭାଜପାର ପ୍ରାୟ ୮ରୁ ୧୦ ଜଣ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିବେ। ଏହାପରେ ପର୍ଯ୍ୟାୟକ୍ରମେ ୫ ତାରିଖ ସୁଦ୍ଧା ଚୂଡ଼ାନ୍ତ କରି ପ୍ରାର୍ଥୀମାନଙ୍କୁ ଟିକେଟ ଦିଆଯିବ ବୋଲି ଜଣାପଡ଼ିଛି। ତେବେ ପ୍ରାର୍ଥୀ ଚୟନକୁ ନେଇ ଭାଜପାରେ ମଧ ଅସନ୍ତୁଷ୍ଟଙ୍କ ସଂଖ୍ୟା ବହୁମାତ୍ରାରେ ବଢ଼ିବାରେ ଲାଗିଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ନେତୃତ୍ୱରେ ତାଙ୍କ ବାସଭବନରେ ବିଏମ୍‌ସି ନିର୍ବାଚନର ସମସ୍ତ ପ୍ରସ୍ତୁତି ଚାଲିଛି। ମେୟର ପ୍ରାର୍ଥୀ କାହାକୁ କରାଯିବ ଦଳ ସେହି ଦାୟିତ୍ୱ ସମ୍ପୂର୍ଣ୍ଣ ଅପରାଜିତାଙ୍କ ହାତରେ ନ୍ୟସ୍ତ କରିଛି। ଦଳ ଜଣେ କର୍ପୋରେଟ ମହିଳାଙ୍କୁ ପ୍ରାର୍ଥୀ କରିବ ବୋଲି ପ୍ରସ୍ତାବ ରଖିଥିବା ବେଳେ ପରବର୍ତ୍ତୀ ସମୟରେ ସେହି ନିଷ୍ପତ୍ତିରେ ପରିବର୍ତ୍ତନ ହୋଇଯାଇଛି। ଦଳ ପକ୍ଷରୁ ଲେଖାଶ୍ରୀ ସାମନ୍ତସିଂହାର, ଉର୍ମିଳା ମହାପାତ୍ର କିମ୍ବା ଅନୁ ଚୌଧୁରୀଙ୍କ ମଧ୍ୟରୁ ଜଣଙ୍କୁ ପ୍ରାର୍ଥୀ କରିବା ନେଇ ଚର୍ଚ୍ଚା ଜୋର୍ ଧରିଛି।

### ସ୍ୱାଧୀନ ପ୍ରାର୍ଥୀଙ୍କ ପାଇଁ ୨୩ ଚିହ୍ନ

ଭୁବନେଶ୍ୱର, ୨।୩ (ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ରେ ଦଳୀୟ ପ୍ରାର୍ଥୀଙ୍କ ବ୍ୟତୀତ ଏକାଧିକ ସ୍ୱାଧୀନ ଆଶାୟୀ ପ୍ରାର୍ଥୀ ନିର୍ବାଚନ ମଇଦାନକୁ ଓହ୍ଲାଇବାକୁ ପ୍ରସ୍ତୁତ ହେଉଛନ୍ତି। ତେଣୁ ନିର୍ବାଚନ କମିଶନରଙ୍କ ପକ୍ଷରୁ ସେମାନଙ୍କୁ ସ୍ୱତନ୍ତ୍ର ଭାବେ ୨୩ଟି ଚିହ୍ନ ପ୍ରଦାନ କରାଯାଇଛି। ସେଗୁଡ଼ିକ ହେଉଛି ଉଡ଼ାଜାହାଜ, ଡଙ୍ଗା, ବାଇସାଇକେଲ୍, ବାଳକ ଓ ବାଳିକା, ଶଗଡ଼ଗାଡ଼ି, ଫଳନ୍ତି ନଡ଼ିଆ ଗଛ, ଡ୍ରମ୍, ବିଦ୍ୟୁତ୍ ବଲ୍‌ବ, ଲଣ୍ଠନ, ଦୁଆତ ଓ କଲମ, ଜଗ୍, ଶିଡ଼ି, ତାଲା ଚାବି, ପଟ୍, ରେଳ ଇଞ୍ଜିନ୍, ରେଡ଼ିଓ, ଜାହାଜ, ସିଲେଇ ମେଶିନ୍, ଟେବୁଲ ଲ୍ୟାମ୍ପ, ନଟୁ, ଛତା, ଭାଓଲିନ୍ ଓ ଉଲ୍। ଜାରି କରାଯାଇଥିବା ଏହି ଚିହ୍ନଗୁଡିକ ମଧ୍ୟରୁ ପ୍ରାର୍ଥୀମାନେ ନିଜ ପସନ୍ଦର ଚିହ୍ନ ବାଛି ଭୋଟରଙ୍କୁ ଆକୃଷ୍ଟ କରିବେ।

### ନନ୍ଦନକାନନରେ ବାଦୁଡ଼ିର ମୃତ୍ୟୁ

**ବାରଙ୍ଗ,୨।୩(ଡି.ଏନ୍.ଏ.):** ପ୍ରାଣୀଉଦ୍ୟାନ ନନ୍ଦନକାନନର ଅନ୍ଧାର ଘରେ ରହୁଥିବା ଏକ ମାଈ ବାଦୁଡ଼ିର ବୁଧବାର ସକାଳେ ମୃତ୍ୟୁ ଘଟିଛି। କିଛିଦିନ ହେବ ବାଦୁଡ଼ିର ଅଣ୍ଡା ଓ ଜ୍ୱରଜନିତ ସମସ୍ୟା ଦେଖାଦେବାରୁ ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକ ତା'ର ଚିକିତ୍ସା କରୁଥିଲେ। ହେଲେ ମଙ୍ଗଳବାରଠାରୁ ତା'ର ଖାଇବା ପରିମାଣ କମିଯିବା ସହ ଦୁର୍ବଳ ହୋଇ ଗୋଟିଏ ସ୍ଥାନରେ ପଡିରହୁଥିଲା। ନିମୋନିଆ ରୋଗରେ ପୀଡ଼ିତ ଥିବାରୁ ତା'ର ମୃତ୍ୟୁ ହୋଇଥିବା ବ୍ୟବଚ୍ଛେଦ ରିପୋର୍ଟରୁ ସ୍ପଷ୍ଟ ହୋଇଛି।

# ପ୍ରଥମ ଦିନରେ ଦାଖଲ ହେଲାନି ନାମାଙ୍କନ ପତ୍ର

- ୫ ମେୟର ଓ ୧୯୪ କର୍ପୋରେଟର ପଦବୀ ପାଇଁ ଫର୍ମ ନେଲେ
- ସତ୍ୟପାଠରେ ସମ୍ପତ୍ତି ତାଲିକା ଓ ଆପରାଧିକ ମାମଲାର ବିବରଣୀ ଦେବାକୁ ବାଧ

ଭୁବନେଶ୍ୱର, ୨।୩ (ବ୍ୟୁରୋ)

ପୌର ନିର୍ବାଚନ ପାଇଁ ବୁଧବାରଠାରୁ ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। କିଏ କର୍ପୋରେଟର ତ ଆଉ କିଏ ମେୟର ପ୍ରାର୍ଥୀ ହେବା ପାଇଁ ଫର୍ମ କିଣିଛନ୍ତି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି)ର ୬୭ ୱାର୍ଡରେ ନିର୍ବାଚନ ହେବାକୁ ଯାଉଥିବାବେଳେ ପ୍ରଥମ ଦିନରେ କର୍ପୋରେଟର ପଦବୀ ପାଇଁ ୧୯୪ଜଣ ଓ ମେୟର ପଦବୀ ପାଇଁ ୫ଜଣ ଫର୍ମ ନେଇଛନ୍ତି। ଏଥିପାଇଁ ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ତଥା ନିର୍ବାଚନ ଅଧିକାରୀଙ୍କ କାର୍ଯ୍ୟାଳୟରେ ଗହଳି ଦେଖାଦେଇଥିଲା। ହେଲେ କୌଣସି ପ୍ରାର୍ଥୀ ମନୋନୟନ ପତ୍ର ଦାଖଲ କରି ନ ଥିବା ନିର୍ବାଚନ ଅଧିକାରୀ ତଥା ଏଡିଏମ୍ ପ୍ରଫୁଲ୍ଲ କୁମାର ସ୍ୱାଇଁ ସୂଚନା ଦେଇଛନ୍ତି।

ଏଥର ନିର୍ବାଚନୀ ସତ୍ୟପାଠରେ ପ୍ରାର୍ଥୀମାନେ ନିଜର ଶିକ୍ଷାଗତ ଯୋଗ୍ୟତା, ସମ୍ପତ୍ତି ତାଲିକା ଓ ଆପରାଧିକ ମାମଲାର ବିବରଣୀ ଦେବାକୁ ବାଧ। ସେହିପରି ମନୋନୟନ କାର୍ଯ୍ୟକୁ ସହଜ ଓ ସରଳ କରିବା ପାଇଁ ମନୋନୟନ ଫର୍ମ ସହିତ ଏକ ଚିଠା ତାଲିକା ପ୍ରଦାନ କରାଯାଉଛି। ଫଳରେ ପ୍ରାର୍ଥୀମାନେ ଫର୍ମ ପୂରଣ କରିବାରେ କୌଣସି ଅସୁବିଧା ହେବ ନାହିଁ ଓ ଅଧିକରୁ ଅଧିକ ପ୍ରାର୍ଥୀ ମନୋନୟନ ଫର୍ମ ଠିକ୍ ଭାବେ ପୂରଣ କରି ଦାଖଲ କରିପାରିବେ। ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଫର୍ମ ବିକ୍ରୟ ଓ ଦାଖଲର ସମୟ ଧାର୍ଯ୍ୟ କରାଯାଇଥିବାବେଳେ ଫର୍ମ ଦାମ୍ ୨୫୦ଟଙ୍କା ରହିଛି।

ଏପଟେ ପୌର ନିର୍ବାଚନ ସୁପରିଚାଳନା ପାଇଁ କସରତ ଆରମ୍ଭ ହୋଇଯାଇଛି। ଅତିରିକ୍ତ ଜିଲାପାଳ ତଥା ନିର୍ବାଚନ ଅଧିକାରୀଙ୍କୁ ମନୋନୟନ ପ୍ରକ୍ରିୟାରେ ସହଯୋଗ କରିବା ପାଇଁ ୧୧ଜଣ ଅତିରିକ୍ତ ନିର୍ବାଚନ ଅଧିକାରୀଙ୍କୁ ନେଇ ୧୧ ଟିମ୍ ଗଠନ କରାଯାଇଛି। ୱାର୍ଡ ନଂ. ୧, ୩, ୪, ୫, ୬ ଓ ୭ ପାଇଁ ମାୟାଧର ବେହେରା ଦାୟିତ୍ୱରେ ଥିବାବେଳେ ୱାର୍ଡ ନଂ. ୨, ୮, ୧୩, ୧୮ ଓ ୨୧ ପାଇଁ ଚିତ୍ତରଞ୍ଜନ ପିଲ୍ଲା, ୱାର୍ଡ ନଂ.୯,୧୦,୧୧,୨୨,୨୬,୩୪ ଓ ୩୬ ପାଇଁ ମୃତ୍ୟୁଞ୍ଜୟ ତ୍ରିପାଠୀ, ୱାର୍ଡ ନଂ.୧୨,୧୪,୧୫,୧୬,୧୭ ଓ ୧୯ ପାଇଁ ନାରାୟଣ ନାୟକ, ୱାର୍ଡ ନଂ. ୨୦,୨୩,୨୪,୨୫,୨୭ ଓ ୨୮ ପାଇଁ ସରୋଜ କୁମାର ପଣ୍ଡା, ୱାର୍ଡ ନଂ. ୨୯,୩୦,୩୧,୩୨, ୩୩ ଓ ୩୫ ପାଇଁ ସ୍ନେହଲତା ଆଚାର୍ଯ୍ୟ, ୱାର୍ଡ ନଂ . ୩୭ରୁ ୪୩ ପର୍ଯ୍ୟନ୍ତ ରମେଶ ସେଠୀ, ୱାର୍ଡ ନଂ. ୪୪ ରୁ ୪୯ ପର୍ଯ୍ୟନ୍ତ ଶିବାଶିଷ ପରିଡ଼ା, ୱାର୍ଡ ନଂ. ୫୦ରୁ ୫୫ ପର୍ଯ୍ୟନ୍ତ ମିନାକ୍ଷୀ ଦାସ, ୱାର୍ଡ ନଂ. ୫୬ରୁ ୬୧ ପର୍ଯ୍ୟନ୍ତ ପୁନମ ମହାପାତ୍ର ଏବଂ ୱାର୍ଡ ନଂ. ୬୨ରୁ ୬୭ ପର୍ଯ୍ୟନ୍ତ ସଞ୍ଜୁକ୍ତା ସ୍ୱାଇଁ ଦାୟିତ୍ୱରେ ରହିଛନ୍ତି।



ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟରେ ନାମାଙ୍କନ ଫର୍ମ ପାଇଁ ଆଶାୟୀ ପ୍ରାର୍ଥୀଙ୍କ ଭିଡ଼ ।

ମନୋନୟନ ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ସହ ଟ୍ରାଫିକ ନିୟନ୍ତ୍ରଣ ପାଇଁ ଜିଲା ପ୍ରଶାସନ ଓ କମିଶନରେଟ ପୋଲିସ ସହଯୋଗରେ ମନୋନୟନ କେନ୍ଦ୍ର ଓ ସଂଲଗ୍ନ ରାସ୍ତାରେ ବ୍ୟାରିକେଡ ବ୍ୟବସ୍ଥା ସହ ୧ ପ୍ଲାଟୁନ୍ ପୋଲିସ ମୁତୟନ କରାଯାଇଛି। କୋଭିଡ୍ କଟକଣା ଓ ଗହଳି ନିୟନ୍ତ୍ରଣ ପାଇଁ ପ୍ରାର୍ଥୀ ବା ତାଙ୍କ ଦ୍ୱାରା ପ୍ରାଧିକୃତ ବ୍ୟକ୍ତିଙ୍କ ସମେତ ସର୍ବାଧିକ ୪ ଜଣ ବ୍ୟକ୍ତିଙ୍କୁ ମନୋନୟନ କେନ୍ଦ୍ରକୁ ଆସିବାକୁ ବ୍ୟବସ୍ଥା ରହିଛି। ମନୋନୟନ ତଥା ନିର୍ବାଚନ ପ୍ରକ୍ରିୟାକୁ ଶୃଙ୍ଖଳିତ କରିବା ପାଇଁ ସମସ୍ତ ପ୍ରକାର ପଦକ୍ଷେପ ନିଆଯାଇଥିବା ଏଡିଏମ୍ ସ୍ୱାଇଁ କହିଛନ୍ତି।

୭ ତାରିଖ ପର୍ଯ୍ୟନ୍ତ ଫର୍ମ ଗ୍ରହଣ ଓ ଦାଖଲର ଶେଷ ତାରିଖ ରହିଛି। ଭୁବନେଶ୍ୱରରେ ମେୟର ପଦବୀ ମହିଳାଙ୍କ ପାଇଁ ସଂରକ୍ଷିତ ଥିବାବେଳେ କର୍ପୋରେଟର ପଦବୀ ପାଇଁ ପ୍ରାୟ ୫୦ ପ୍ରତିଶତ ସ୍ଥାନ ସଂରକ୍ଷିତ ରହିଛି। ତେବେ ମେୟର ପଦବୀ ପାଇଁ କେଉଁ ଦଳ କାହାକୁ ଟିକେଟ୍ ଦେଉଛି ତାହା ଉପରେ ସମସ୍ତଙ୍କର ନଜର ରହିଛି।

## ୱାର୍ଡ ନଂ. ୧୧

**ଭିଏସ୍‌ଏସ୍ ନଗର ହାଉସିଂବୋର୍ଡ କଲୋନୀ, ଧିରିକୁଟି ବସ୍ତି, ହୋଟେଲ୍ ମ୍ୟାନେଜ୍‌ମେଣ୍ଟ ଅଞ୍ଚଳ, ବୀର ସୁରେନ୍ଦ୍ର ସାଏ ପାର୍କ ଅଞ୍ଚଳ, ପାତ୍ରସାହି ବସ୍ତି।**

**ଭୋଟର ସଂଖ୍ୟା- ୧୦ହଜାର ୭୧, ପୁରୁଷ- ୫୫୪୮, ମହିଳା ୪୫୨୩**

# ରାସ୍ତା ପାଇଁ ଅଞ୍ଚଳବାସୀ ହିନସ୍ତା

ଭୁବନେଶ୍ୱର, ୨।୩ (ବ୍ୟୁରୋ)

ନିର୍ବାଚନ ବିଗୁଲ୍ ବାଜିବା ପରଠାରୁ ୱାର୍ଡ ନଂ. ୧୧ରେ ରାଜନୈତିକ ପାଣିପାଗ ସରଗରମ ହୋଇଉଠିଛି। ଦୀର୍ଘବର୍ଷ ଧରି ବିଜେଡ଼ି ଦଖଲରେ ଏହି ୱାର୍ଡ ରହିଥିବାବେଳେ ଏକାଧିକ ଆଶାୟୀ ଦଳରୁ ଟିକେଟ୍ ପାଇବା ପାଇଁ ଚାହିଁ ବସିଛନ୍ତି। ୱାର୍ଡରେ ରାସ୍ତା ସମସ୍ୟା ବର୍ଷ ବର୍ଷ ଧରି ମୁଖ୍ୟ ସମସ୍ୟା ହୋଇ ରହିଆସିଛି। ଭିଏସ୍‌ଏସ୍ ନଗରରୁ ବାହାରକୁ ବାହାରିବା ପାଇଁ ଭଲ ରାସ୍ତା ନାହିଁ। ସତ୍‌ସଙ୍ଗ ବିହାର ଦେଇ ଜାତୀୟ ରାଜପଥ ତଳେ ଯାଇଥିବା ଅଣ୍ଡରପାସ୍ ଓ ବାଣୀବିହାର ପାଚେରିକୁ ଲାଗିଥିବା ଲକ୍ଷ୍ମୀବିହାର ରାସ୍ତା ଲାଗି ୱାର୍ଡବାସିନ୍ଦା ଦୀର୍ଘ ବର୍ଷ ହେବ ଦାବି କରିଆସୁଛନ୍ତି। ଏହି ସମସ୍ୟାର ସ୍ଥାୟୀ ସମାଧାନ ପ୍ରତିଶ୍ରୁତି ଦେଇ ଆଗାମୀ ପୌର ନିର୍ବାଚନରେ କ୍ଷମତାକୁ ଆସିବାକୁ ଆଶାୟୀ ପ୍ରସ୍ତୁତ ହେଉଛନ୍ତି।





" ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଆରମ୍ଭ କରି ଆଲୋକୀକରଣ, ଡ୍ରେନ୍ ସବୁ କାମ ୱାର୍ଡରେ ହୋଇଛି। ପ୍ରାୟ ୧୬ ଶହ ବସ୍ତିବାସିନ୍ଦାଙ୍କୁ ରାଜୀବ ଆବାସ ଯୋଜନାରେ ସାମିଲ୍ କରି ପଟ୍ଟା ଦିଆଯାଇଛି। ତେବେ ଆମ ୱାର୍ଡରେ ଉଠାଦୋକାନୀ ଓ ମାର୍କେଟ କମ୍ପ୍ଲେକ୍ସ ସମସ୍ୟା ରହିଛି। ତେଣୁ ଉଠାଦୋକାନୀଙ୍କ ପାଇଁ ଭେଣ୍ଡିଂ ଜୋନ କରାଯିବ। ଖୁବ୍‌ଶୀଘ୍ର ଫ୍ଲାଏଓଭର୍ କାମ କରାଯିବ।

**ରଶ୍ମିତା ମହାନ୍ତି, ପୂର୍ବତନ କର୍ପୋରେଟର, ବିଜେଡି**



" ଏହି ୱାର୍ଡରେ ଏବେକାର କର୍ପୋରେଟରଙ୍କ କାର୍ଯ୍ୟରେ ଜନତା ସନ୍ତୁଷ୍ଟ ନାହାନ୍ତି। ରାସ୍ତାଘାଟ ଖୋଳାଯାଇ ମାସ ମାସ ଧରି କାମ ପଡ଼ିରହୁଛି। ବର୍ଷାହେଲେ ଲୋକେ ହନ୍ତସନ୍ତ ହେଉଛନ୍ତି। ଆମ୍ବୁଲାନ୍ସ ଯିବା ପାଇଁ ସୁଗମ ରାସ୍ତା ନାହିଁ। ସ୍ଥାନୀୟ ସରକାରୀ ବିଦ୍ୟାଳୟର ପାଚେରି ଭାଙ୍ଗିଯାଇଛି। ଡାକ୍ତରଖାନା ମଧ ସମସ୍ୟା ଘେରରେ ରହିଛି। ଟିକେଟ ପାଇ ଜିତିଲେ ଏସବୁ ସମସ୍ୟା ଦୂର ସହ ମହିଳାଙ୍କ କଲ୍ୟାଣ ପାଇଁ ଗୋଟିଏ ଗୃହ ନିର୍ମାଣ ଲାଗି ପଦକ୍ଷେପ ନେବି।

**ନିରୁପମା ପାତ୍ର, ଆଶାୟୀ ପ୍ରାର୍ଥୀ, ଭାଜପା**

" ମଞ୍ଚେଶ୍ୱର ଶିଳ୍ପାଞ୍ଚଳକୁ ଭିଏସ୍‌ଏସ୍ ନଗର ସହ ସଂଯୋଗ କରୁଥିବା ରାସ୍ତାରେ ରେଳ ଫାଟକ ରହିଛି। ଏଠାରେ ରେଳ ଓଭରବ୍ରିଜ୍ ନିର୍ମାଣ ଲାଗି ଟେଣ୍ଡର ହୋଇଥିଲେ ମଧ କାମ ଆରମ୍ଭ ହେଉନାହିଁ। ସେହିଭଳି ସତ୍‌ସଙ୍ଗବିହାର ଛକରୁ ଲମ୍ବିଥିବା ରାସ୍ତା ଉଠାଦୋକାନୀଙ୍କ ଜବରଦଖଲ ଯୋଗୁ ସଂକୁଚିତ ହେବାରେ ଲାଗିଛି। ଦିନରେ ବେଆଇନ୍ ଭାବେ ଭାରିଯାନ ପ୍ରବେଶ କରୁଥିବାରୁ ବଜାରକୁ ଆସୁଥିବା ସ୍ଥାନୀୟ ବାସିନ୍ଦା ଅସୁବିଧା ଭୋଗୁଛନ୍ତି।



**ଝୁନା ପଟ୍ଟନାୟକ, ବିଜେଡି ଆଶାୟୀ**

" ଲୋକଙ୍କ ପାଇଁ ସବୁବେଳେ କାମ କରିଆସିଛି। ତେଣୁ ଦଳ ମୋତେ ଟିକେଟ ଦେବ ବୋଲି ଆଶା ରଖିଛି। ଗୋଟିଏ ବୃଦ୍ଧାଶ୍ରମ କରିବାର ଯୋଜନା କରିଛି। ସରକାରୀ ଯୋଜନାରୁ ଯେଉଁମାନେ ବଞ୍ଚିତ ସେମାନେ କିପରି ଅଧିକାର ପାଇବେ ସେ ଦିଗରେ କାର୍ଯ୍ୟ କରିବି।



**ମନୋରମା ପାତ୍ର, ବିଜେଡି ଆଶାୟୀ**

" ଭିଏସ୍‌ଏସ୍ ନଗରରେ ହାଟ ଅବ୍ୟବସ୍ଥିତ ହୋଇରହିଛି। ପାର୍କିଂ ସୁବିଧା ନାହିଁ। ପର୍ଯ୍ୟାପ୍ତ ମାର୍କେଟ କମ୍ପ୍ଲେକ୍ସ ନାହିଁ। ଡାକ୍ତରଖାନା ଥିଲେ ମଧ ଡାକ୍ତର ନାହାନ୍ତି। କଲ୍ୟାଣ ମଣ୍ଡପ ଭାଙ୍ଗିରୁଜି ଗଲାଣି। ସରକାରୀ ଜାଗା ଅନେକ ଥିଲେ ମଧ ତା'ର ସୁବିନିଯୋଗ କରାଯାଇ ପାରୁନାହିଁ। ସ୍ପୋର୍ଟ କମ୍ପ୍ଲେକ୍ସ ନାହିଁ। ରାସ୍ତା, ଡ୍ରେନେଜ ଓ ସ୍ୱେରେଜ ଅବସ୍ଥା ଶୋଚନୀୟ ହୋଇପଡ଼ିଛି। ରେଲୱେ ଓଭରବ୍ରିଜ ଏପର୍ଯ୍ୟନ୍ତ ନିର୍ମାଣ କରାଯାଇପାରି ନାହିଁ। ନିର୍ବାଚନରେ ଜିତିଲେ ଏସବୁ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନିଆଯିବ।

**ସ୍ମରଣିକା ମହାନ୍ତି, ବିଜେଡି ଆଶାୟୀ**

" ଏଠାରେ ଡାକ୍ତରଖାନା, ଥାନା ଓ ରାସ୍ତା ମୁଖ୍ୟ ସମସ୍ୟା। ସେହିପରି ୩୦ବର୍ଷ ତଳୁ ଭିଏସ୍‌ଏସ୍ ନଗରରୁ ଲକ୍ଷ୍ମୀବିହାରକୁ ରାସ୍ତା ନିର୍ମାଣ ପାଇଁ ବ୍ୟବସ୍ଥା ହୋଇଥିଲେ ମଧ ଆଜି ପର୍ଯ୍ୟନ୍ତ ତାହା ହୋଇପାରୁନାହିଁ। ୧୯୯୨ ମସିହାରେ ବିଜୁ ପଟ୍ଟନାୟକ ମୁଖ୍ୟମନ୍ତ୍ରୀ ଥିବା ସମୟରେ ଏହି ରାସ୍ତା ନିର୍ମାଣ ପାଇଁ ଜିଏ ବିଭାଗ ମହାନଗରକୁ ଜମି ହସ୍ତାନ୍ତର କରିଥିଲେ। ବର୍ଷ ବର୍ଷ ଧରି କାମ ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ସ୍ଥାନୀୟ ବାସିନ୍ଦା ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଯିଏ ଏସବୁ ସମସ୍ୟାର ସମାଧାନ କରିବେ ଆମେ ସେହି କର୍ପୋରେଟରଙ୍କୁ ଚାହୁଁଛୁ।



**ମାନସୀ ଦାଶଶର୍ମା, ୱାର୍ଡ ବାସିନ୍ଦା**

" ଏହି ୱାର୍ଡ ଅବହେଳିତ ହେଉଛି। ପୂର୍ବତନ କର୍ପୋରେଟରଙ୍କ ଅବହେଳା ପାଇଁ ବହୁ ଉନ୍ନତି ମୂଳକ କାର୍ଯ୍ୟ ପଛେଇଯାଇଛି। ତେଣୁ ଆସନ୍ତା ନିର୍ବାଚନରେ ଆମ ଅଞ୍ଚଳରେ ଏଭଳି ଜଣେ କର୍ପୋରେଟରଙ୍କୁ ଆଣିବାକୁ ଚାହୁଁଛୁ ଯିଏ ଲୋକଙ୍କ ସୁଖଦୁଃଖର ସାଥୀ ହୋଇପାରିବେ।



**ନିମାଇଁ ଚରଣ ଦାସ, ୱାର୍ଡ ବାସିନ୍ଦା**

### ଶାନ୍ତିଶୃଙ୍ଖଳାରେ ସରିଲା ପଞ୍ଚାୟତ ନିର୍ବାଚନ

କଟକ ଅଫିସ,୨।୩

ରାଜ୍ୟରେ ୯୧,୦୯୩ଟି ବୁଥ୍‌ରେ ଚଳିତବର୍ଷ ପଞ୍ଚାୟତ ନିର୍ବାଚନ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ଚଳିତ ନିର୍ବାଚନରେ ୭୮.୬୦% ଭୋଟର ନିଜର ମତଦାନ ସାବ୍ୟସ୍ତ କରିଥିବାବେଳେ ୨୦୧୭ରେ ୭୮.୦୩%, ୨୦୧୨ରେ ୭୫.୩୦% ଏବଂ ୨୦୦୭ରେ ୭୩% ଭୋଟର ଭୋଟ ଦେଇଥିଲେ। ଚଳିତବର୍ଷ କିଛି ସ୍ଥାନରେ ନିର୍ବାଚନୀ ହିଂସାକୁ ବାଦ୍ ଦେଲେ ଅଧିକାଂଶ ସ୍ଥାନରେ ଶାନ୍ତିଶୃଙ୍ଖଳାରେ ନିର୍ବାଚନ ହୋଇଥିଲା। ଏହି ନିର୍ବାଚନବେଳେ ୧୧୪ଟି ବୁଥ୍‌ରେ ପୁନଃ ମତଦାନ ହୋଇଥିବାବେଳେ ୨୦୧୭ରେ ୧୩୦, ୨୦୧୨ରେ ୩୦୯, ୨୦୦୭ରେ ୨୨୯ ଏବଂ ୨୦୦୨ରେ ୪୫୩ ବୁଥ୍‌ରେ ପୁନଃ ମତଦାନ ହୋଇଥିଲା। ଚଳିତ ନିର୍ବାଚନରେ ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳରେ ବିପୁଳ ସଂଖ୍ୟାରେ ମତଦାନ ହୋଇଥିଲା। ଅନ୍ୟପକ୍ଷରେ ନିର୍ବାଚନ ସମୟରେ ରାଜ୍ୟର ବିଭିନ୍ନ ଥାନାରେ ମୋଟ୍ ୫୧୭୩ ଅବକାରୀ ମାମଲା ରୁଜୁ ହୋଇଥିବାବେଳେ ୧୯୪୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏଥିସହ ୪୧ଟି ବେଆଇନ ମାରଣାସ୍ତ୍ର, ୩କେଜି ୨୬ଗ୍ରାମ ନାର୍କୋଟିକ୍ସ ଡ୍ରଗ୍ସ ଜବତ କରାଯାଇଛି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମେତ ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ, ପଞ୍ଜାବ ଏବଂ ଉତ୍ତର ପ୍ରଦେଶ ସାଧାରଣ ନିର୍ବାଚନ ପ୍ରକ୍ରିୟାରେ ରାଜ୍ୟର ସୁରକ୍ଷା କର୍ମଚାରୀ ମୁତୟନ ଏବଂ ମାଓବାଦୀ ଉପଦ୍ରୁତ ଅଞ୍ଚଳରେ ନିର୍ବାଚନ ପ୍ରକ୍ରିୟା ତ୍ୱରାନ୍ୱିତ କରାଯିବା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଏକ ସଙ୍ଗେ ସମ୍ପନ୍ନ କରାଯାଇଥିଲା। ଏଥିପାଇଁ ୮୪ ପ୍ଲାଟୁନ୍ ସୁରକ୍ଷା କର୍ମଚାରୀଙ୍କୁ ମୁତୟନ କରାଯାଇଥିଲା ବୋଲି ଡିଜିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରେସ୍‌ବିବୃତିରେ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ଅସହାୟ ଅବସ୍ଥାରେ ମହିଳା ଉଦ୍ଧାର



**ବୋଲଗଡ,୨।୩(ଡି.ଏନ.ଏ):** ଖୋର୍ଦ୍ଧା ଜିଲା ବୋଲଗଡ଼ ଅଞ୍ଚଳରେ ଜଣେ ମହିଳା ଗତ କିଛିଦିନ ହେବ ଅସହାୟ ଅବସ୍ଥାରେ ବୁଲୁଥିବା ଦେଖିବାକୁ ମିଳିଛି। ସେ କୌଣସି କଥାବାର୍ତ୍ତା କରୁ ନ ଥିବାବେଳେ ବୋଲଗଡ଼ ନିକଟସ୍ଥ ଗହିର ଜମିରେ ପଡ଼ିଥିଲେ। ତେବେ ମଙ୍ଗଳବାର ରାତିରେ ବୋଲଗଡ ବସଷ୍ଟାଣ୍ଡ ବଜାର କମିଟି ସଭାପତି ପାଣ୍ଡବ ସାହୁ, ଗୟାଧର ମହାପାତ୍ର ଓ କରୁଣାକର ସାହୁ ପ୍ରମୁଖ ଉକ୍ତ ମହିଳାଙ୍କୁ ଅସହାୟ ଅବସ୍ଥାରେ ଦେଖି ଉଦ୍ଧାର କରିଥିଲେ। ତାଙ୍କୁ ନିକଟସ୍ଥ ବସଷ୍ଟାଣ୍ଡକୁ ଆଣି ଖାଇବାପିଇବାକୁ ଦେଇଥିଲେ। ସ୍ତ୍ରୀ ଲୋକଟିର ବୟସ ଆନୁମାନିକ ୫୦ ବର୍ଷ ହୋଇଥିବା ବେଳେ ସେ ଏକ ନାଲି ରଙ୍ଗର ଲୁଗା ଉପରେ ଜାମୁକୋଳି ରଙ୍ଗର ସାଲୱାର ତା' ଉପରେ ଏକ ଧଳା ରଙ୍ଗର ସ୍ୱିଟର ପିନ୍ଧିଛନ୍ତି। ଖବରପାଇ ବୋଲଗଡ ଥାନା ପକ୍ଷରୁ ଏସ୍ଆଇ ସୁଜାତା ପଲେଇ ଏହି ମହିଳାଙ୍କ ନିକଟରେ ପହଞ୍ଚି ତାଙ୍କୁ ବୋଲଗଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରି ଚିକିତ୍ସା କରାଇବା ସହ ଭୁବନେଶ୍ୱରସ୍ଥିତ ଏକ ରିହାବିଲିଟେଶନ ସେଣ୍ଟରକୁ ପଠାଇ ଦେଇଛନ୍ତି।

### 'ଯୁଦ୍ଧ ନୁହେଁ ଶାନ୍ତି ଚାହୁଁ'

**ଖୋର୍ଦ୍ଧା ଅଫିସ,୨।୩:** ୟୁକ୍ରେନ ଏବଂ ରୁଷ୍ ମଧ୍ୟରେ ଯୁଦ୍ଧ ଚାଲିଛି। ରୁଷ୍‌ର ବର୍ବର ଆକ୍ରମଣରେ ନୀରିହ ନାଗରିକ ମୃତାହତ ହେଉଛନ୍ତି। ତୁରନ୍ତ ଯୁଦ୍ଧ ବନ୍ଦ ପାଇଁ ଖୋର୍ଦ୍ଧା ଏସ୍‌ୟୁସିଆଇ (କମ୍ୟୁନିଷ୍ଟ) ଶାଖା ଦାବି କରିଛି। ବୁଧବାର ଶାଖା ସଭାପତି ଅଶୋକ ସାହୁ, ଛାତ୍ର ନେତା ଜୟନ୍ତ ମହାନ୍ତିଙ୍କ ନେତୃତ୍ୱରେ ଏକାଧିକ କର୍ମୀ ଟାଉନ ଛକଠାରେ ବିକ୍ଷୋଭ କରିବା ସହ ରୁଷର ସାମ୍ରାଜ୍ୟବାଦୀ ନୀତିକୁ ତୀବ୍ର ସମାଲୋଚନା କରିଥିଲେ। ଆମେ ଯୁଦ୍ଧ ନୁହେଁ ଶାନ୍ତି ଚାହୁଁ। ୟୁକ୍ରେନ ଉପରେ ଚାଲିଥିବା ବର୍ବର ଆକ୍ରମଣ ବନ୍ଦ କରାଯାଉ ବୋଲି କହିଥିଲେ। ସେଠାରେ ଫସିଥିବା ଭାରତୀୟ ଛାତ୍ରଙ୍କୁ ସୁରକ୍ଷିତ ଭାବେ ସ୍ୱଦେଶ ଫେରାଇ ଆଣିବା ପାଇଁ ଭାରତ ସରକାରଙ୍କୁ ଦଳ ପକ୍ଷରୁ ନିବେଦନ କରାଯାଇଛି। ଅନ୍ୟ ମାନଙ୍କ ମଧ୍ୟରେ ଅବିନାଶ ପ୍ରଧାନ, ଶ୍ରୀକାନ୍ତ ନାଏକ, ଜଗନ୍ନାଥ ବଳବନ୍ତରାୟ, ଅନୁପମ ମହାନ୍ତି, ସଂଘମିତ୍ରା ମହାପାତ୍ର, ମନୋଜ ଭୂୟାଁ, ଲୋକନାଥ ରାଉଳ ପ୍ରମୁଖ ଉପସ୍ଥିତ ଥିଲେ।

### ନନ୍ଦନକାନନରେ ବାଦୁଡ଼ିର ମୃତ୍ୟୁ

**ବାରଙ୍ଗ, ୨।୩(ଡି.ଏନ୍.ଏ.):** ପ୍ରାଣୀଉଦ୍ୟାନ ନନ୍ଦନକାନନର ଅନ୍ଧାର ଘରେ ରହୁଥିବା ଏକ ମାଈ ବାଦୁଡ଼ିର ବୁଧବାର ସକାଳେ ମୃତ୍ୟୁ ଘଟିଛି। କିଛିଦିନ ହେବ ବାଦୁଡ଼ିର ଥଣ୍ଡା ଓ ଜ୍ୱରଜନିତ ସମସ୍ୟା ଦେଖାଦେବାରୁ ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକ ତା'ର ଚିକିତ୍ସା କରୁଥିଲେ। ହେଲେ ମଙ୍ଗଳବାରଠାରୁ ତା'ର ଖାଇବା ପରିମାଣ କମିଯିବା ସହ ଦୁର୍ବଳ ହୋଇ ଗୋଟିଏ ସ୍ଥାନରେ ପଡିରହୁଥିଲା। ନିମୋନିଆ ରୋଗରେ ପୀଡ଼ିତ ଥିବାରୁ ତା'ର ମୃତ୍ୟୁ ହୋଇଥିବା ବ୍ୟବଚ୍ଛେଦ ରିପୋର୍ଟରୁ ସ୍ପଷ୍ଟ ହୋଇଛି ବୋଲି ନନ୍ଦନକାନନ ପ୍ରାଣୀ ବିଶେଷଜ୍ଞ କହିଛନ୍ତି।

### ଶତାୟୁଙ୍କ ଦ୍ୱାଦଶରେ ଗୀତାଯଜ୍ଞ

**କୃଷ୍ଣପ୍ରସାଦ,୨।୩(ଡି.ଏନ.ଏ):** ପୁରୀ ଜିଲା ଅନ୍ତର୍ଗତ କୃଷ୍ଣପ୍ରସାଦ ବ୍ଲକ ପାରିକୁଦ ଗଡପିଙ୍ଗ ଗ୍ରାମର ଶତାୟୁ ବାଉରି ଦେଇ(୧୦୫)ଙ୍କ ଦ୍ୱାଦଶାହ ଶ୍ରାଦ୍ଧ ଅବସରରେ ଗ୍ରାମରେ ଗୀତାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏଥିନିମନ୍ତେ ପ୍ରଚାରକ ପଣ୍ଡିତ ଭବାନୀ ଶଙ୍କର ତ୍ରିପାଠୀ, କୁଳପୁରୋହିତ କମଳ ଚନ୍ଦ୍ର ଦେବତାଙ୍କ ନେତୃତ୍ୱରେ ୬ଜଣ ବ୍ରାହ୍ମଣ ନିୟୋଜିତ ହୋଇଥିଲେ। ସ୍ୱର୍ଗତ ବାଉରିଙ୍କ ନାତି ଗୁଣୁପୁର ପୋଲିସ ଡିଏସ୍‌ପି ଅଜୟ କୁମାର ବାରିକଙ୍କ ନେତୃତ୍ୱରେ ଯଜ୍ଞ କାର୍ଯ୍ୟ ସହିତ ପ୍ରସାଦ ସେବନର ବ୍ୟବସ୍ଥା କରାଯାଇଥିଲା। ଏହି ଅବସରରେ ଏକ ସ୍ମୃତିଚାରଣ ସଭାର ଆୟୋଜନ କରାଯାଇଥିଲା। ଏଥିରେ ଗ୍ରାମର ବିଶିଷ୍ଟ ବ୍ୟକ୍ତି, ମୁରବି ଓ ବୁଦ୍ଧିଜୀବୀମାନେ ଯୋଗଦେଇ ସ୍ୱର୍ଗତ ବାଉରିଙ୍କ ବହୁମୁଖୀ ଆଦର୍ଶ ଗୁଣାବଳୀ ସମ୍ପର୍କରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ ନାତୁଣୀ ଶିକ୍ଷୟିତ୍ରୀ ବିଷ୍ଣୁପ୍ରିୟା ଡାକୁଆ, ନାତୁଣୀ ଜ୍ୱାଇଁ ଅବସରପ୍ରାପ୍ତ ପ୍ରଶାସନିକ ଅଧିକାରୀ କାଳନ୍ଦୀଚରଣ ବାରିକ ପ୍ରମୁଖ ସହଯୋଗ କରିଥିଲେ। ଏହି ଯଜ୍ଞକୁ ଗୁରୁକୃପା ପୂଜା ଅନୁଷ୍ଠାନ ଦିଗପହଣ୍ଡି ଗଞ୍ଜାମର ପଣ୍ଡିତମାନେ ପରିଚାଳନା କରିଥିଲେ।

# ଦୌଡ଼ରେ ୨ ବିଧାୟକଙ୍କ ସମ୍ପର୍କୀୟ

## ଖୋର୍ଦ୍ଧା ପୌରାଧ୍ୟକ୍ଷା ଆସନ

**ଖୋର୍ଦ୍ଧା ଅଫିସ,୨।୩**

ପୌର ନିର୍ବାଚନ ପାଇଁ ବୁଧବାରଠାରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ୩ବର୍ଷ ପରେ ପୌର ନିର୍ବାଚନ ହେବାକୁ ଯାଉଥିବାରୁ ଦଳୀୟ କର୍ମୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ପ୍ରକାଶ ପାଇଛି। ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ବୁଧବାରଠାରୁ ଆରମ୍ଭ ହୋଇଯାଇଥିବାରୁ କିଏ ଦଳୀୟ ପ୍ରାର୍ଥୀ ହେବେ, ସେନେଇ ଜୋରଦାର ଅଙ୍କକଷା ଚାଲିଛି। ତେବେ ପୌର ନିର୍ବାଚନରେ ବିରୋଧୀ କେତେ ପ୍ରଭାବ ଦେଖାଇପାରିବେ ତାହା ଏବେଠୁ କହିବା କଷ୍ଟକର। କାରଣ, ସଦ୍ୟ ସମାପ୍ତ ହୋଇଥିବା ପଞ୍ଚାୟତ ନିର୍ବାଚନରେ ବିରୋଧୀ ସମ୍ପୂର୍ଣ୍ଣ ଭାବେ ଧରାଶାୟୀ ହୋଇଛନ୍ତି। ସବୁଠି ଶାସକ ଦଳ ବିଜେଡି ବାଜି ମାରିନେଇଛି। ଖୋର୍ଦ୍ଧା ଜିଲାରେ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ ଜଟଣୀ ବିଧାୟକ ସୁରେଶ କୁମାର ରାଉତରାୟଙ୍କ ରଣନୀତି ଫେଲ୍ ମାରିଛି। ୩୦ରୁ ୨୮ ଜିଲା ପରିଷଦ ଆସନରେ ବିଜେଡି ଏକତରଫା ଭାବେ ବିଜୟ ଲାଭ କରିଛି। ଏଣୁ ଏହି ଫଳାଫଳ ପୌର ନିର୍ବାଚନରେ ପ୍ରଭାବ ପକାଇବ ଏବଂ ବିଜେଡି ପୁଣି ବାଜିମାତ୍ କରିବ ବୋଲି ଚର୍ଚ୍ଚା ହେଉଛି।

ପୌର ନିର୍ବାଚନ ପାଇଁ ୩ ପ୍ରମୁଖ ଦଳ ବିଜେଡି, ଭାଜପା ଓ କଂଗ୍ରେସ ଏପର୍ଯ୍ୟନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ କରିନାହାନ୍ତି। ବିଜେଡି ଟିକେଟ ପାଇଁ ଦଳୀୟ ନେତା ଓ ବିଧାୟକଙ୍କ ନିକଟରେ କର୍ମୀଙ୍କ ଲମ୍ଫାଧାଡ଼ି ଲାଗୁଛି। ପ୍ରତି ୱାର୍ଡରେ ୪ରୁ ୫ଜଣ ଆଶାୟୀ ରହିଛନ୍ତି। ଏପରି କି କେତେଜଣ ଆଶାୟୀ ଦଳୀୟ ନେତାଙ୍କ ଫଟୋ ଥାଇ ପୋଷ୍ଟର ଓ ବ୍ୟାନର ମାରିସାରିଲେଣି। ଅନ୍ୟ କେତେଜଣ ସମସ୍ୟା ସବୁ ସମାଧାନ କରିଦେବେ ବୋଲି କହି ବୁଲିଲେଣି। ତେଣୁ ରାଜନୀତି ପାଣିପାଗ ଉଷ୍ମ ହେବାରେ ଲାଗିଛି। ବିଜେଡି ପକ୍ଷରୁ ତାଲିକା ଚୂଡ଼ାନ୍ତ ହୋଇ ନ ଥିଲେ ବି ପ୍ରତି ୱାର୍ଡରୁ ୩ଜଣ ନାମ ସଭାପତିଙ୍କ ପାଖକୁ ପଠାଯାଇଛି। ସେଠାରୁ ନିର୍ଦ୍ଦେଶ କ୍ରମେ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯିବ। ସେହିପରି କଂଗ୍ରେସ ଓ ଭାଜପା ମଧ୍ୟ ନୀରବ ରହିଛି।

ଏଥର ପୌରାଧ୍ୟକ୍ଷ ପଦବୀ ମହିଳାଙ୍କ ପାଇଁ ଉଦ୍ଦିଷ୍ଟ ଥିବାବେଳେ ସିଧାସଳଖ ଭୋଟ ହେବ। ତେଣୁ ଏହି ପଦବୀ ଲାଗି ବିଜେଡିରେ ଆଶାୟୀଙ୍କ ତାଲିକା ଲମ୍ବିବାରେ ଲାଗିଛି। କେତେଜଣ ବରିଷ୍ଠ କର୍ମୀ ନିଜ ସ୍ତ୍ରୀ, ଝିଅ କିମ୍ବା ସମ୍ପର୍କୀୟଙ୍କ ପାଇଁ ଲବି କରୁଥିବା ଜଣାପଡ଼ିଛି। ପୌରାଧ୍ୟକ୍ଷା ପଦବୀ ପାଇଁ ୧୫ରୁ ଊର୍ଦ୍ଧ୍ୱ ଆଶାୟୀ ରହିଥିବା ସୂଚନା ମିଳିଛି। ସେହିପରି ଏହି ଦୌଡ଼ର ଆଗ ଧାଡ଼ିରେ ଦୁଇ ବିଧାୟକଙ୍କ ପରିବାର ରହିଛନ୍ତି। ବେଗୁନିଆ ବିଧାୟକ ରାଜେନ୍ଦ୍ର ସାହୁଙ୍କ ସହଧର୍ମିଣୀ ସଂଯୁକ୍ତା ସାହୁ ୨୦୧୩ରେ ପୌରାଧ୍ୟକ୍ଷା ରହିଥିଲେ। ଚଳିତ ନିର୍ବାଚନରେ ପୁଣି ତାଙ୍କୁ ପୌରାଧ୍ୟକ୍ଷା ଆସନରେ ବସାଇବା ପାଇଁ ଯୋଜନା ଚାଲିଛି। ଅନ୍ୟପକ୍ଷରେ ପୋଖତ ରାଜନେତା ଭାବେ ପରିଚିତ ଖୋର୍ଦ୍ଧା ବିଧାୟକ ଜ୍ୟୋତିରୀନ୍ଦ୍ରନାଥ ମିତ୍ର ମଧ୍ୟ ସହଧର୍ମିଣୀ ପ୍ରଫେସର ମମତା ଦେଙ୍କୁ ପୌରାଧ୍ୟକ୍ଷା ଆସନରେ ବସାଇବା ପାଇଁ ଲବି ଚଳାଇଥିବା ଶୁଣିବାକୁ ମିଳୁଛି। ତେବେ ଏ ନେଇ ସମ୍ପୃକ୍ତ ବିଧାୟକ ଦ୍ୱୟଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ। ଦଳର ବିଭିନ୍ନ ସାଙ୍ଗଠନିକ ଦାୟିତ୍ୱରେ ଥିବା ବହୁ ବରିଷ୍ଠ କର୍ମୀ ମଧ୍ୟ ଟିକେଟ ଲାଗି ଲବି ଚଳାଇଛନ୍ତି। ଅନ୍ୟପଟେ ଭାଜପା ଓ କଂଗ୍ରେସ ବର୍ତ୍ତମାନ ନେତୃତ୍ୱବିହୀନ ହୋଇପଡ଼ିଥିବା ଓ ଦଳରେ କନ୍ଦଳ ଥିବା ଆଲୋଚନା ହେଉଛି। ତେଣୁ ଉଭୟ ଦଳ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ପ୍ରାର୍ଥୀ ତାଲିକା ସ୍ଥିର ହୋଇ ନ ଥିବା କୁହାଯାଉଛି।

# ଟିକେଟ ଦୌଡ଼ରେ ଆଶାୟୀ




## ପୌର ନିର୍ବାଚନ

**ଜଟଣୀ,୨।୩(ଡି.ଏନ.ଏ)**

ପୌର ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜଟଣୀ ପୌରାଞ୍ଚଳରେ ରାଜନୈତିକ ଉଷ୍ମତା ବଢ଼ିବାରେ ଲାଗିଛି। ବିଭିନ୍ନ ରାଜନୈତିକ ଦଳ ଏବଂ ନେତା ନିଜ ଦଳ ପାଇଁ ଉପଯୁକ୍ତ ପ୍ରାର୍ଥୀ ଯୋଗାଡ଼ରେ ଲାଗି ପଡିଛନ୍ତି। ଚଳିତ ପୌର ନିର୍ବାଚନରେ ଅଧ୍ୟକ୍ଷ ପଦ ଆସନ ଅନୁସୂଚିତ ଜାତିଙ୍କ ପାଇଁ ସଂରକ୍ଷିତ ହୋଇଥିବାରୁ ବହୁ ଆଶାୟୀ ପ୍ରାର୍ଥୀ ନିରାଶ ହୋଇଥିବା ବେଳେ କେତେଜଣ ଆଶାୟୀଙ୍କ ପାଇଁ ପୁଷମାସ ପାଲଟିଛି। ତେବେ ପୌରାଧ୍ୟକ୍ଷ ଏବଂ କାଉନ୍‌ସିଲର ପଦ ନିମନ୍ତେ ଦଳୀୟ ଟିକେଟ ପାଇବା ପାଇଁ ବହୁ ଆଶାୟୀ ଦଳୀୟ ନେତାମାନଙ୍କ ନିକଟରେ ନିଜ ପ୍ରାର୍ଥିତ୍ୱ ପାଇଁ ଦାବି କରୁଛନ୍ତି। ବିଶେଷ କରି ବହୁ ନୂତନ ଏବଂ ପୁରାତନ ଆଶାୟୀ ବିଜେଡି ଦଳରୁ ଟିକେଟ ହାତେଇବା ପାଇଁ କଳବଳ କୌଶଳ ଲଗାଇ ନେତା, ମନ୍ତ୍ରୀଙ୍କ ସହ ବୈଠକ ଚଳାଇଛନ୍ତି। ଜଟଣୀ ପୌର ପରିଷଦର ୧, ୨, ୩, ୬, ୧୧, ୧୪, ୧୫, ୧୭, ୧୮, ୨୧ ନମ୍ବର ୱାର୍ଡ ଅଣସଂରକ୍ଷିତ ପ୍ରାର୍ଥୀଙ୍କ ନିମନ୍ତେ ରହିଥିବା ବେଳେ ୮, ୨୨, ୯, ୧୨, ୫, ୧୦, ୨୩, ୪ ଏବଂ ୧୬ ନମ୍ବର ୱାର୍ଡ ମହିଳା ପ୍ରାର୍ଥୀଙ୍କ ପାଇଁ ସଂରକ୍ଷିତ ରହିଛି। ସେହିଭଳି ୱାର୍ଡ ନମ୍ବର ୧୯, ୧୩ ଅନୁସୂଚିତ ଜାତି ମହିଳା ପ୍ରାର୍ଥୀଙ୍କ ପାଇଁ ରହିଥିବା ବେଳେ ୱାର୍ଡ ନମ୍ବର ୭ ଅନୁସୂଚିତ ଜାତି ଏବଂ ୱାର୍ଡ ନମ୍ବର ୨୦ ଜନଜାତି ମହିଳାଙ୍କ ପାଇଁ ସଂରକ୍ଷିତ ରହିଛି। ଏଭଳି ପରିସ୍ଥିତିରେ କୌଣସି ରାଜନୈତିକ ଦଳ ପକ୍ଷରୁ ବର୍ତ୍ତମାନ ସୁଦ୍ଧା ଠିକ୍ ଭାବେ ଅଧ୍ୟକ୍ଷ ଓ ବିଭିନ୍ନ ୱାର୍ଡ ପାଇଁ ପ୍ରାର୍ଥୀ ଚୟନ ହୋଇ ନାହିଁ। ତେବେ ଦୀର୍ଘବର୍ଷ କାଉନ୍‌ସିଲର ରହିଥିବା ଅନେକ ପ୍ରାର୍ଥୀଙ୍କ ପୌରାଧ୍ୟକ୍ଷ ପଦ ଆଶା ମଉଳି ଯିବା ପରେ ଚଳିତ ନିର୍ବାଚନ ମଇଦାନରେ ଓହ୍ଲାଇବେ କି ନାହିଁ ତାହା ଦ୍ୱନ୍ଦ୍ୱରେ ରହିଛି। ଦୀର୍ଘ ବର୍ଷ ଧରି କଂଗ୍ରେସ ହାତରେ ରହିଥିବା ଜଟଣୀ ପୌର ଅଧ୍ୟକ୍ଷ ଆସନକୁ ପୁଣି ନିଜ ଅକ୍ତିଆରକୁ ନେବା ପାଇଁ ଉଦ୍ୟମ ଚଳାଇଛି। ପଞ୍ଚାୟତ ନିର୍ବାଚନରେ ବିଜେଡି ସମସ୍ତ ଆସନ ହାତେଇଥିବାରୁ ଦଳୀୟ ନେତା ଓ କର୍ମୀ ପୌର ନିର୍ବାଚନରେ ମଧ୍ୟ ଭଲ ପ୍ରଦର୍ଶନ କରିବେ ବୋଲି ଆଶାବାଦୀ ଅଛନ୍ତି।

# ବାଇକ୍‌କୁ ଧକ୍କାଦେଲା କାର୍, ୩ ଗୁରୁତର

**ବୋଲଗଡ,୨।୩(ଡି.ଏନ.ଏ)**



ସ୍ଥାନୀୟ ସମବାୟ ବ୍ୟାଙ୍କ ନିକଟ ବଲାଙ୍ଗୀର ଖୋର୍ଦ୍ଧା ୫୭ ନମ୍ବର ଜାତୀୟ ରାଜପଥ ଉପରେ ବୁଧବାର ଗୋଟିଏ କାର୍ ରାସ୍ତାକଡରେ ଥିବା ଏକ ବାଇକ୍‌କୁ ଧକ୍କା ଦେବାରୁ ୪ବର୍ଷର ଶିଶୁ ସମେତ ୩ ଗୁରୁତର ଆହତ ହୋଇଛନ୍ତି। ଆହତଙ୍କୁ ସ୍ଥାନୀୟ ଲୋକଙ୍କ ସହାୟତାରେ ଅଗ୍ନିଶମ ସେବା ବିଭାଗ ଗାଡ଼ିରେ ପ୍ରଥମେ ବୋଲଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ ଅବସ୍ଥା ସଂକଟାପନ୍ନ ହେବାରୁ ୧୦୮ ଆମ୍ବୁଲାନ୍ସ ଯୋଗେ ଭୁବନେଶ୍ୱର ପଠାଯାଇଛି। ଘଟଣା ଅନୁଯାୟୀ, ବୋଲଗଡ ଥାନା ବାଙ୍କୋଇ ଗ୍ରାମର ଶଶିଭୂଷଣ ମାର୍ଥା ଓରଫ ମୁନା(୩୮) ତାଙ୍କର ଦୁଇଜଣ ସମ୍ପର୍କୀୟ ନୟାଗଡ ଥାନା ମେଳାମ୍ବ ଗ୍ରାମର ପୂଜା ପ୍ରଧାନ(୧୮) ଓ ରୁଦ୍ର ବଳିୟାରସିଂହଙ୍କୁ ନିଜ ବାଇକ (ନଂ. ଓଆର ୦୨ ବିୱାଇ ୪୬୨୮)ରେ ବସାଇ ନୟାଗଡ ଅଭିମୁଖେ ଯାଉଥିଲେ। ତେବେ କୌଣସି କାରଣବଶତଃ ସେମାନେ ବୋଲଗଡ ସେବା ସମବାୟ ବ୍ୟାଙ୍କ ନିକଟରେ ଗାଡି ଅଟକାଇ ରାସ୍ତାପାର୍ଶ୍ୱରେ ଛିଡା ହୋଇଥିବା ସମୟରେ ସମ୍ମୁଖ ଦିଗରୁ ଏକ କାର୍ (ନଂ. ଓଡି ୩୩ ଏବି ୦୪୬୭) ଦ୍ରୁତଗତିରେ ଆସି ଭାରସାମ୍ୟ ହରାଇ ବାଇକ୍ ସହ ଏହି ୩ ଜଣକୁ ଧକ୍କା ଦେଇଥିଲା। ଫଳରେ ଏମାନେ ଗୁରୁତର ହୋଇପଡିଥିଲେ। କାର୍ ଡ୍ରାଇଭର ସାମାନ୍ୟ ଆହତ ହୋଇ ହସ୍ପିଟାଲ ଯାଇଥିଲେ ହେଁ ପରବର୍ତ୍ତୀ ସମୟରେ ନ ଥିଲେ। ଅନ୍ୟପଟେ ଖବରପାଇ ବୋଲଗଡ଼ ପୋଲିସ ପହଞ୍ଚି ଘଟଣାସ୍ଥଳରୁ ୨ଟି ଗାଡ଼ିକୁ ଜବତ କରି ତଦନ୍ତ ଚଳାଇଛି।

### ଅଙ୍ଗନୱାଡି କର୍ମୀଙ୍କ ଗାଳିଗୁଲଜର ଭିଡିଓ ଭାଇରାଲ

**ଜଟଣୀ,୨।୩(ଡି.ଏନ.ଏ)**

ଖୋର୍ଦ୍ଧା ଜିଲା ଜଟଣୀ ବ୍ଲକ ଅନ୍ତର୍ଗତ ମୁଣ୍ଡଲ ଗ୍ରାମସ୍ଥିତ ଅଙ୍ଗନୱାଡି କେନ୍ଦ୍ରର ଜଣେ କର୍ମଚାରୀ ଛତୁଆ ନେବାକୁ ଆସିଥିବା ଜଣେ ମହିଳାଙ୍କୁ ଦୁର୍ବ୍ୟବହାର କରିବା ସହ ଗାଳିଗୁଲଜ କରୁଥିବା ଅଭିଯୋଗ ହୋଇଛି। ଏ ଘଟଣାର ଏକ ଭିଡିଓ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ଭିଡିଓରେ ଦେଖିବାକୁ ମିଳୁଛି ଯେ, ବୁଧବାର ମଧ୍ୟାହ୍ନରେ ମୁଣ୍ଡଲ ଗ୍ରାମ ଅଙ୍ଗନୱାଡ଼ି କେନ୍ଦ୍ରକୁ ସେହି ଗ୍ରାମର ବିଜୟପ୍ରଭା ମଲ୍ଲିକ ପିଲାଙ୍କ ପାଇଁ ଅଙ୍ଗନୱାଡିରୁ ମିଳୁଥିବା ଛତୁଆ ଆଣିବା ପାଇଁ ଯାଇଥିଲେ। ହେଲେ କେନ୍ଦ୍ରରେ ଥିବା ଅଙ୍ଗନୱାଡି କର୍ମଚାରୀ ତାଙ୍କୁ ଛତୁଆ ଦେବାକୁ ମନା କରିଦେଇଥିଲେ। ଛତୁଆ ନ ଦେବାର କାରଣ ପଚାରିବାରୁ ବିଜୟପ୍ରଭାଙ୍କୁ ଉକ୍ତ ଅଙ୍ଗନୱାଡ଼ି କର୍ମୀ ଅସଭ୍ୟ ଭାଷାରେ ଗାଳି ଗୁଲଜ କରିବା ସହିତ ଚପଲରେ ମାରିବା ପାଇଁ ଧମକ ଦେଉଛନ୍ତି। ଏହି ଭିଡିଓ ଭାଇରାଲ ହେବା ପରେ ଘଟଣାକୁ ସମଗ୍ର ଅଞ୍ଚଳରେ ନାପସନ୍ଦ କରିବା ସହିତ ଏଭଳି କର୍ମଚାରୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ପାଇଁ ସାଧାରଣରେ ଦାବି ହେଉଛି। ଜଟଣୀ ଏସ୍‌ଡିପିଓ ବନ୍ଦନା ଦେବୀଙ୍କୁ ପଚାରିବାରେ ଉକ୍ତ ଘଟଣା ବ୍ୟକ୍ତିଗତ ଓ ପାରିବାରିକ କହିବା ସହିତ ଅଙ୍ଗନୱାଡି କର୍ମଚାରୀଙ୍କୁ କାର୍ଯ୍ୟକ୍ଷେତ୍ରରେ ଜନସାଧାରଣଙ୍କୁ ଉତ୍ତମ ବ୍ୟବହାର କରିବା ପାଇଁ ତାଗିଦ କରିଥିବା କହିଛନ୍ତି।

### ନାମାଙ୍କନ ପ୍ରକ୍ରିୟା ଆରମ୍ଭ: ପ୍ରଥମଦିନ ପ୍ରାର୍ଥିପତ୍ର ଶୂନ

**ଜଟଣୀ ପୌର ନିର୍ବାଚନ**

**ଜଟଣୀ,୨।୩(ଡି.ଏନ.ଏ.)**

ଖୋର୍ଦ୍ଧା ଜିଲା ଜଟଣୀ ପୌର କାର୍ଯ୍ୟାଳୟରେ ଆସନ୍ତା ପୌର ନିର୍ବାଚନ ପାଇଁ ବୁଧବାର ନାମାଙ୍କନ ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ୨୩ଟି ୱାର୍ଡକୁ ନେଇ ଗଠିତ ଜଟଣୀ ପୌରାଞ୍ଚଳର ୪୮ହଜାର ୮୪୩ଜଣ ମତଦାତା ସେମାନଙ୍କ ମତ ୫୪ଟି ବୁଥ୍‌ରେ ଆସନ୍ତା ୨୪ତାରିଖରେ ସାବ୍ୟସ୍ତ କରିବେ। ଦୀର୍ଘ ୩ବର୍ଷ ପରେ ପୌର ନିର୍ବାଚନ ହେଉଥିବା ବେଳେ ଏହାକୁ ନେଇ ଆଶାୟୀ ପ୍ରାର୍ଥୀଙ୍କ ମଧ୍ୟରେ ବେଶ୍ ଉତ୍ସାହ ଦେଖିବାକୁ ମିଳିଛି। ଚଳିତ ବର୍ଷ ପୌରାଧ୍ୟକ୍ଷ ପଦ ପାଇଁ ପ୍ରତ୍ୟକ୍ଷ ଭାବେ ମତଦାତା ଭୋଟ ଦେବେ। ବୁଧବାର ନାମାଙ୍କନ ପତ୍ର ଦାଖଲର ପ୍ରଥମ ଦିବସରେ ଅଧ୍ୟକ୍ଷ ପଦ ଏବଂ କାଉନ୍‌ସିଲର ପଦ ନିମନ୍ତେ ପୌର କାର୍ଯ୍ୟାଳୟରେ କୌଣସି ପ୍ରାର୍ଥୀ ପ୍ରାର୍ଥିପତ୍ର ଦାଖଲ କରିନାହାନ୍ତି। କିନ୍ତୁ କାଉନ୍‌ସିଲର ପଦବୀ ନିମନ୍ତେ ୧୧ଟି ଏବଂ ଅଧ୍ୟକ୍ଷ ପଦବୀ ପାଇଁ ୨ଟି ପ୍ରାର୍ଥିପତ୍ର ପ୍ରଥମ ଦିବସରେ ବିକ୍ରୟ ହୋଇଥିବା ପୌର କାର୍ଯ୍ୟାଳୟ ପକ୍ଷରୁ ସୂଚନା ମିଳିଛି। ପ୍ରତି ଫର୍ମ ପିଛା ସାଧାରଣ ବର୍ଗଙ୍କ ପାଇଁ ୧୦୦ ଟଙ୍କା ଓ ଅନ୍ୟାନ୍ୟ ବର୍ଗଙ୍କ ପାଇଁ ୫୦ଟଙ୍କା ରଖାଯାଇଛି। ସମସ୍ତ ପ୍ରକ୍ରିୟା ଶାନ୍ତିଶୃଙ୍ଖଳାର ସହିତ ସମାପ୍ତ କରିବା ପାଇଁ ପୌର ଏବଂ ପୋଲିସ ପ୍ରଶାସନ ପକ୍ଷରୁ ସୁବ୍ୟବସ୍ଥା କରାଯାଇଥିବା ନିର୍ବାଚନ ଅଧିକାରୀ ଭୁବନେଶ୍ୱର ଉପଜିଲାପାଳ ଦେବବ୍ରତ ସାହୁ କହିଛନ୍ତି।

# ପ୍ରଥମ ଦିନରେ କେହି ନାମାଙ୍କନ ଦାଖଲ କଲେନି

**ଖୋର୍ଦ୍ଧା ଅଫିସ,୨।୩**

ପୌର ନିର୍ବାଚନ ପାଇଁ ବୁଧବାରଠାରୁ ନାମାଙ୍କନପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ଆସନ୍ତା ୭ତାରିଖ ପର୍ଯ୍ୟନ୍ତ ଏହି ପ୍ରକ୍ରିୟା ଚାଲିବ। ତେବେ ପ୍ରଥମ ଦିନରେ ଖୋର୍ଦ୍ଧା ପୌରପାଳିକାର ଅଧ୍ୟକ୍ଷ ଏବଂ କାଉନସିଲର ପଦ ପାଇଁ କେହି ନାମାଙ୍କନପତ୍ର ଦାଖଲ କରିନାହାନ୍ତି। ସୂଚନାଯୋଗ୍ୟ, ଭୁବନେଶ୍ୱର ମହାନଗର ନିଗମ ସମେତ ଖୋର୍ଦ୍ଧା, ଜଟଣୀ ପୌରପରିଷଦ ଏବଂ ବାଣପୁର ଓ ବାଲୁଗାଁ ଏନ୍‌ଏସି ପାଇଁ ଆସନ୍ତା ୨୪ ତାରିଖରେ ନିର୍ବାଚନ ହେବ। ବିଏମସି ପାଇଁ ଭୁବନେଶ୍ୱର ଅତିରିକ୍ତ ଜିଲାପାଳ ପ୍ରଫୁଲ୍ଲ କୁମାର ସ୍ୱାଇଁ, ଖୋର୍ଦ୍ଧା ପାଇଁ ଉପଜିଲାପାଳ ଆଇ.ଗୌରବ ଶିବାଜୀ, ବାଣପୁର ଏବଂ ବାଲୁଗାଁ ପାଇଁ ଯଥାକ୍ରମେ ଚିଲିକା ଓ ବାଣପୁର ତହସିଲଦାର ରିଟର୍ନିଂ ଅଫିସର ରହିଛନ୍ତି। ଏନେଇ ଉପଜିଲାପାଳ ଆଇ. ଗୌରବ ଶିବାଜୀ କହିଛନ୍ତି, ପୌର ନିର୍ବାଚନ ପାଇଁ ଡ୍ରାଫ୍ଟ ପ୍ରସ୍ତୁତି କରାଯାଇଥିଲା। ଆପତ୍ତି ଅଭିଯୋଗ ଶୁଣାଣି ପରେ ଚୂଡ଼ାନ୍ତ ଭୋଟର ତାଲିକା ପ୍ରକାଶ କରାଯାଇଛି। ୨୨ ୱାର୍ଡ ବିଶିଷ୍ଟ ଖୋର୍ଦ୍ଧା ପୌରାଞ୍ଚଳରେ ୩୭ହଜାର ୫୪୧ଜଣ ଭୋଟର ରହିଛନ୍ତି। ୧୮ଟି ବୁଥ୍‌ରେ ମତଦାନ ହେବ। ସେଥିରୁ ଗୋଟିଏକୁ ମଡେଲ ଏବଂ ଅନ୍ୟଟିକୁ ପିଙ୍କ ବୁଥ୍ କରାଯିବ। ପିଙ୍କ ବୁଥରେ କେବଳ ମହିଳା ପୋଲିଂ ଅଫିସର ଓ ପ୍ରଜାଇଡିଂ ଅଫିସର ରହିବେ। ଜଟଣୀ ପୌରାଞ୍ଚଳରେ ୨୩ଟି ୱାର୍ଡରେ ୪୫ହଜାର ୮୭୫ ମତଦାତା ଅଛନ୍ତି। ୧୫ ୱାର୍ଡ ବିଶିଷ୍ଟ ବାଣପୁର ଏନ୍‌ଏସିରେ ୧୩ହଜାର ୨୨୫ ଏବଂ ୧୧ ୱାର୍ଡ ବିଶିଷ୍ଟ ବାଲୁଗାଁ ଏନ୍‌ଏସିରେ ୧୨ହଜାର ୯୧୩ ଭୋଟର ରହିଛନ୍ତି। ବିଜେବି ହାଇସ୍କୁଲରେ ଭୋଟ ଗଣତି କରାଯିବା ଲାଗି ନିଷ୍ପତ୍ତି ନିଆଯାଇଛି। ଶୃଙ୍ଖଳିତ ନିର୍ବାଚନ ଆୟୋଜନ ଲାଗି ଆଗାମୀ ଦିନରେ ପୋଲିସ-ମାଜିଷ୍ଟ୍ରେଟ ସମନ୍ୱୟ ବୈଠକ କରାଯିବ। ନିର୍ବାଚନ ପାଇଁ ପୌର ପ୍ରଶାସନ ପକ୍ଷରୁ ସମସ୍ତ ପ୍ରସ୍ତୁତି ସରିଛି ବୋଲି ଉପଜିଲାପାଳ ସୂଚନା ଦେଇଛନ୍ତି।




ପୁରୀଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଓପନ୍ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟରେ ପୁରସ୍କୃତ ଖେଳାଳିମାନେ।

# ଗ୍ରାମେଶ୍ୱର ପୀଠରେ ବିଶ୍ୱଶାନ୍ତି ମହାଯଜ୍ଞ



**ନିରାକାରପୁର,୨।୩(ଡି.ଏନ୍.ଏ.)**

ଖୋର୍ଦ୍ଧା ଜିଲା ଟାଙ୍ଗୀ ବ୍ଲକ ଅନ୍ତର୍ଗତ ଲେଣ୍ଡୋ ପଞ୍ଚାୟତ ଆରେଡି ଗ୍ରାମରେ ଥିବା ଶ୍ରୀ ଶ୍ରୀ ଗ୍ରାମେଶ୍ୱର ଦେବଙ୍କ ପୀଠରେ ପାଞ୍ଚଦିନ ବ୍ୟାପୀ ବିଶ୍ୱଶାନ୍ତି ମହାଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ମାନସିକଧାରୀ ମହିଳା ଓ ପୁରୁଷମାନେ ନିକଟସ୍ଥ ପୁଷ୍କରିଣୀରୁ ପାଣି ଉଠାଇ ଯଜ୍ଞ ମଣ୍ଡପରେ ପହଞ୍ଚି ଘଟ ସ୍ଥାପନ କରିଥିଲେ। ଏହାପରେ ତୀର୍ଥବାହନ ଘଟମଣ୍ଡଳାଦି ପୂଜା, ଜ୍ୟୋତି ସ୍ଥାପନ ଓ ଆହୂତି ପ୍ରଦାନ କରାଯାଇଥିଲା। ଦ୍ୱିତୀୟ ଦିନରେ ସୂର୍ଯ୍ୟପୂଜା, ଗୋପୂଜା, ଘଟମଣ୍ଡଳି ପୂଜା, ଗୀତାପାଠ ଓ ଆହୂତି ଆଦି ହୋଇଥିଲା। ଏହି ଯଜ୍ଞରେ ଆଖପାଖ ଗ୍ରାମର ଲୋକେ ଆସି ପୂଜା କାର୍ଯ୍ୟ କରିଛନ୍ତି। ତେବେ ୪ତାରିଖ ଅପରାହ୍ନରେ ମହାଯଜ୍ଞର ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ହେବ ବୋଲି ଗ୍ରାମବାସୀ ସୂଚନା ଦେଇଛନ୍ତି।

# ସଂସଦୀୟ କ୍ଷେତ୍ରରେ ଭାଜପା ଶୂନ

- ଶଙ୍ଖନାଦରେ ମଉଳିଲା ପଦ୍ମ
- ଅପରାଜିତା, ସୁରେଶଙ୍କ ପ୍ରଭାବ ପଡ଼ିଲାନି

**ଖୋର୍ଦ୍ଧା ଅଫିସ,୨।୩**

ଖୋର୍ଦ୍ଧା ଜିଲାରେ ପଞ୍ଚାୟତ ନିର୍ବାଚନ ସରିଛି। ନିର୍ବାଚନରେ ବିଜେଡିକୁ ବହୁମତ ମିଳିଥିବା ବେଳେ ବିରୋଧୀଙ୍କୁ ନିରାଶ ହେବାକୁ ପଡ଼ିଛି। ଜିଲାରେ ୩୦ ଆସନବିଶିଷ୍ଟ ଜିଲା ପରିଷଦରେ ବିଜେଡି ଏକତରଫା ଭାବେ ୨୮ଟି ଜିତିଥିବା ବେଳେ ଭାଜପାକୁ ୨ଟି ଆସନରେ ସନ୍ତୁଷ୍ଟ ହେବାକୁ ପଡ଼ିଛି। ବିଭିନ୍ନ ବ୍ଲକ ବିଜେଡି ସମର୍ଥିତ ବହୁ ସରପଞ୍ଚ, ସମିତି ସଭ୍ୟ ବିଜୟ ଲାଭ କରିଛନ୍ତି। ଅନ୍ୟପଟେ ଚିଲିକା ନିର୍ବାଚନ ମଣ୍ଡଳୀରେ ବିଜେଡି ବିଧାୟକ ପ୍ରଶାନ୍ତ ଜଗଦ୍ଦେବଙ୍କ ପତିଆରା କମିଥିବା କୁହାଯାଉଛି। ୬ଟି ଜୋନ୍‌ରୁ ବିଜେଡି ୪ ହାତେଇଛି। ଗତ ୨୦୧୭ ନିର୍ବାଚନରେ ଭାଜପା ହାତରେ ଚିଲିକା ଓ ବିଜେଡି ହାତରେ ବାଣପୁର ଥିଲା। ଚଳିତ ବର୍ଷ ଏହାର ଓଲଟା ହୋଇଛି। ପ୍ରଶାନ୍ତ ଏବଂ ପୂର୍ବତନ ବିଧାୟକ ରଘୁନାଥ ସାହୁଙ୍କ ମଧ୍ୟରେ ଗୋଷ୍ଠୀ କନ୍ଦଳ ଯୋଗୁ ନିର୍ବାଚନରେ ଏଭଳି ପ୍ରତିଫଳନ ବୋଲି ଚର୍ଚ୍ଚା ହେଉଛି।

ଚଳିତ ନିର୍ବାଚନରେ ବିଜେଡି ପାଇଁ ପଞ୍ଚାୟତୱାରୀ ଦଳୀୟ ବିଧାୟକମାନେ ମଙ୍ଗ ଧରିଥିବା ବେଳେ ଭାଜପା ପାଇଁ ଭୁବନେଶ୍ୱର ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ଏବଂ କଂଗ୍ରେସ ପାଇଁ ବିଧାୟକ ସୁରେଶ କୁମାର ରାଉତରାୟ ନେତୃତ୍ୱ ନେଉଥିଲେ। ତେବେ କାହାରି ପ୍ରଭାବ କାମ ଦେଲା ନାହିଁ। ବାଣପୁରରେ ୨ଟି ଆସନକୁ ବାଦ୍ ଦେଲେ ଭୁବନେଶ୍ୱର ସଂସଦୀୟ କ୍ଷେତ୍ର ଅନ୍ତର୍ଗତ ସମସ୍ତ ଜିଲା ପରିଷଦ ଆସନରେ ଭାଜପାକୁ ପରାଜୟ ସ୍ୱାଦ ଚାଖିବାକୁ ପଡ଼ିଛି। ଜଟଣୀ ନିର୍ବାଚନ ମଣ୍ଡଳୀରେ ୬ଟି ଆସନ ବିଜେଡି ଖାତାକୁ ଯାଇଛି। ଗତ ୨୦୧୭ ନିର୍ବାଚନରେ ବିଜେଡି ୨୦ ଏବଂ ଭାଜପା ୧୦ ଆସନରେ ଜିତିଥିଲା। ଚଳିତ ନିର୍ବାଚନରେ ଭାଜପା ଓ କଂଗ୍ରେସର ଦୃଢ଼ୋକ୍ତି ନବୀନଙ୍କ ଯାଦୁ ଆଗରେ ଫିକା ପଡ଼ିଲା। ଜିଲାରେ କଂଗ୍ରେସ ମୂଳପୋଛ ହୋଇଗଲା। ୨୦୧୨, ୨୦୧୭ ଏବଂ ୨୦୨୨ ପଞ୍ଚାୟତ ନିର୍ବାଚନ ମଧ୍ୟରୁ କଂଗ୍ରେସ କେବଳ ୨୦୧୨ରେ ଗୋଟିଏ ଆସନରେ ଜିତିଥିଲା। ଅତୀତରେ ବେଗୁନିଆ ନିର୍ବାଚନ ମଣ୍ଡଳୀକୁ କଂଗ୍ରେସ ଗଡ କୁହାଯାଉଥିଲା। ୨୦୧୭ ନିର୍ବାଚନରେ ଭାଜପା ଅପରାଜିତାଙ୍କ ବିନା ୧୦ଟି ଆସନ ଜିତିଥିଲା। ଚଳିତ ନିର୍ବାଚନରେ ସେ ଖୋର୍ଦ୍ଧା, ବେଗୁନିଆ, ଜଟଣୀ ଏବଂ ଜୟଦେବ ନିର୍ବାଚନ ମଣ୍ଡଳୀର ମଙ୍ଗ ଧରିଥିଲେ। ନିଜ ସଙ୍ଗଠନ ଓ ସମର୍ଥକଙ୍କ ମାଧ୍ୟମରେ ସେ ଯୁବବର୍ଗ ଓ ମହିଳାଙ୍କୁ ଆକୃଷ୍ଟ କରିବାକୁ ଚେଷ୍ଟା କରିଥିଲେ। ବିଭିନ୍ନ ସ୍ଥାନରେ ସମାବେଶ କରିଥିଲେ। ଏହାସତ୍ତ୍ୱେ ଆଶାଜନକ ସଫଳତା ମିଳିନାହିଁ। ଗତ ୨୦୧୭ରେ ଭାଜପା ବେଗୁନିଆରେ ୨ଟି ଆସନ ଜିତିଥିବାବେଳେ ଏଥର ତାହା ହରାଇଛି। ଅନ୍ୟପଟେ ଦଳରେ ଗୋଷ୍ଠୀ କନ୍ଦଳ, କର୍ମୀଙ୍କ ମହଲରେ ସାଙ୍ଗଠନିକ କାର୍ଯ୍ୟକୁ ନେଇ ଅସନ୍ତୋଷ ଲାଗିରହିଛି। ୨୦୧୯ ସାଧାରଣ ନିର୍ବାଚନରେ ଭାଜପା ପକ୍ଷରୁ ଖୋର୍ଦ୍ଧାରୁ ନିର୍ବାଚନ ଲଢିଥିବା କାଳୁଚରଣ ଖଣ୍ଡାୟତରାୟଙ୍କ ପ୍ରଭାବ ଦେଖିବାକୁ ମିଳିଲା ନାହିଁ। ଏପରି କି ରାଜଧାନୀ ଉପକଣ୍ଠରେ ମଧ୍ୟ ଅପରାଜିତାଙ୍କ ପତିଆରା କାମ ଦେଲାନାହିଁ। ଜଟଣୀ, ଭୁବନେଶ୍ୱର, ବାଲିଅନ୍ତା ଏବଂ ବାଲିପାଟଣା ବ୍ଲକର ସମସ୍ତ ଜୋନ୍‌ରେ ବିଜେଡି ବାଜି ମାରିନେଲା।

### ବିଏମ୍‌ସି ପ୍ରଚାରରେ ସାମିଲ ହେବେ ଉପକଣ୍ଠ ପ୍ରାର୍ଥୀ

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଉପରେ ନଜର ପକାଇଛି ବିଜେଡି। ପଞ୍ଚାୟତ ନିର୍ବାଚନରେ ବିଜୟୀ ସରପଞ୍ଚ, ସମିତିସଭ୍ୟ ଓ ଜିଲା ପରିଷଦ ପ୍ରାର୍ଥୀଙ୍କୁ ଭୁବନେଶ୍ୱର ଆଣି ଦଳୀୟ ପ୍ରଚାରରେ ସାମିଲ କରିବା ପାଇଁ ତୃଣମୂଳ ସ୍ତରରେ ପ୍ରସ୍ତୁତି ଆରମ୍ଭ ହୋଇଛି।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଗୁରୁବାର, ୩ ମାର୍ଚ୍ଚ, ୨୦୨୨



## ସଂକ୍ଷେପରେ

### ୧୧ ୱାର୍ଡରେ କଂଗ୍ରେସର କର୍ପୋରେଟର ପ୍ରାର୍ଥୀ ଘୋଷଣା

**କଟକ ଅଫିସ, ୨।୩:** କଟକ ମହାନଗର ନିଗମ(ସିଏମ୍‌ସି) ନିର୍ବାଚନ ପାଇଁ ବୁଧବାର କଂଗ୍ରେସ ପକ୍ଷରୁ ମେୟର ଏବଂ ୧୧ଟି ୱାର୍ଡର କର୍ପୋରେଟର ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଛି। ଗିରିବାଳା ବେହେରାଙ୍କ ନାମକୁ ମେୟର ପ୍ରାର୍ଥୀ ଭାବେ ଘୋଷଣା କରାଯାଇଥିବାବେଳେ ୧ନଂ. ୱାର୍ଡ ପାଇଁ ଭାନୁମତୀ ସେନାପତି, ୨ନଂ. ପାଇଁ ଗାୟତ୍ରୀ ଲେଙ୍କା, ୩ନଂ. ପ୍ରଦୋଷ ଦାସ, ୪ ନଂ. ପାଇଁ ନିରୁପମା ମହାନ୍ତିଙ୍କୁ ପ୍ରାର୍ଥୀ କରାଯାଇଛି। ସେହିଭଳି ୫ନଂ. ୱାର୍ଡ ପାଇଁ ସଲୋନି ନାୟକ, ୭ନଂ. ସୁଷମା ମାଝି, ୮ନଂ. ଅଜିତ କୁମାର ବେହେରା, ୯ନଂ. ଆଶୁତୋଷ ଦାସ, ୧୨ନଂ. ଚିନ୍ମୟୀ ଜେନା, ୧୩ନଂ. ପ୍ରଦୀପ କୁମାର ଦ୍ୱିବେଦୀ ଏବଂ ୧୫ନଂ. ୱାର୍ଡ ପାଇଁ ଲିଜାରାଣୀ ରାଉତଙ୍କ ନାମ ଘୋଷଣା କରାଯାଇଛି।

### କଂଗ୍ରେସରେ ମିଶିଲେ ବିଜେଡି କର୍ମୀ

**କଟକ ଅଫିସ, ୨।୩:** ବିଜେଡିର ବହୁ ସଂଖ୍ୟକ କର୍ମୀ ବୁଧବାର କଂଗ୍ରେସ ଦଳରେ ସାମିଲ ହୋଇଛନ୍ତି। କଂଗ୍ରେସ ପକ୍ଷରୁ ସ୍ଥାନୀୟ ସାଇଦାନୀ ବଗିଚାସ୍ଥିତ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ସେମାନେ ଯୋଗ ଦେଇଥିଲେ। ବାରବାଟୀ-କଟକ ବିଧାୟକ ଇଂ. ମହମ୍ମଦ ମୋକିମ୍‌ଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସମ୍ମିଳନୀରେ ବିଜେଡି ସଂଖ୍ୟାଲଘୁ ଉପସଭାପତି ଅଫ୍‌ତାବ ନୁର, ସମ୍ପାଦକ ସେକ୍ ରେହମତ, ମିରାଜୁଲ ହୁସେନି, ଅବଦୁର ସୁକୁରଙ୍କ ସମେତ ସଂଖ୍ୟାଧିକ କର୍ମୀ କଂଗ୍ରେସରେ ଯୋଗ ଦେଇଥିଲେ। କଂଗ୍ରେସ ପକ୍ଷରୁ ମିଶ୍ରଣ ପର୍ବରେ ସାମିଲ ହୋଇଥିବା ବିଜେଡି କର୍ମୀମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହାପରେ କଂଗ୍ରେସର ନୀତି, ଆଦର୍ଶ ଓ ବିଧାୟକ ମୋକିମଙ୍କ ନେତୃତ୍ୱରେ କାର୍ଯ୍ୟ କରିବାକୁ ସେମାନେ ନିଷ୍ପତ୍ତି ନେଇଥିଲେ।

### ହାଇକୋର୍ଟର ଅବସରପ୍ରାପ୍ତ କର୍ମଚାରୀଙ୍କ ପରଲୋକ

**କଟକ ଅଫିସ,୨।୩:** ଓଡ଼ିଶା ହାଇକୋର୍ଟର ଅବସରପ୍ରାପ୍ତ ଏଷ୍ଟାବ୍ଲିସ୍‌ମେଣ୍ଟ ଅଫିସର ଯୁଧିଷ୍ଠିର ନାୟକ(୯୨)ଙ୍କର କଟକ ଡଗରପଡାସ୍ଥିତ ତାଙ୍କ ବାସଭବନରେ ବୁଧବାର ପରଲୋକ ହୋଇଯାଇଛି।



କିଛିଦିନ ହେବ ସେ ବାର୍ଦ୍ଧକ୍ୟଜନିତ ରୋଗରେ ପୀଡ଼ିତ ଥିଲେ। ମୃତ୍ୟୁଶଯ୍ୟା ନିକଟରେ ଜ୍ୟେଷ୍ଠ ପୁତ୍ର ଶୈଳେନ୍ଦ୍ର, ଭାଇ ଅଶୋକ କୁମାର ନାୟକ ଏବଂ ଡା. ପ୍ରସନ୍ନ କୁମାର ନାୟକ, ଜାମାତା ସୁଶାନ୍ତ କୁମାର ନାୟକ, ବିଭୁ ପ୍ରସାଦ ନାୟକ, ଲକ୍ଷ୍ମୀ ନାରାୟଣ ସେନାପତି ଓ କୀର୍ତ୍ତିବନ୍ତ ସେନାପତି ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ମୃତ୍ୟୁ ଖବର ପାଇବା ପରେ ହାଇକୋର୍ଟ ଅବସରପ୍ରାପ୍ତ କର୍ମଚାରୀ ସଂଘ ସାଧାରଣ ସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଛାଟୋଇ, ରମାନାଥ ପାଲ୍, ଅଲେଖ ଚନ୍ଦ୍ର ଭୂୟାଁ, ନିରଞ୍ଜନ ସ୍ୱାଇଁ, ନବକିଶୋର ସାହୁ, ପରୀକ୍ଷିତ ସାହୁ ଓ ବସନ୍ତ କୁମାର ଶତପଥୀ ପ୍ରମୁଖ ଶେଷ ଦର୍ଶନ କରିଥିଲେ। କଟକ ସତୀଚୌରାସ୍ଥିତ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ତାଙ୍କର ମଧ୍ୟମ ପୁତ୍ର ଦେବେନ୍ଦ୍ର ମୁଖାଗ୍ନି ଦେଇଥିଲେ।

### ଶିଶୁଯତ୍ନ କେନ୍ଦ୍ରରେ ବିଜୟୀ ଜିଲା ପରିଷଦ ସଭ୍ୟା ମିନତି

**ବାଙ୍କୀ,୨।୩(ସ୍ୱ.ପ୍ର.):** ଡମପଡା ବ୍ଲକ ୩୭ ନଂ. ଜୋନ ବିଜୟୀ ଜିଲା ପରିଷଦ ସଭ୍ୟା ମିନତି ମହାପାତ୍ର ସ୍ଥାନୀୟ ହରିହରଭେଟସ୍ଥିତ ଶିଶୁଯତ୍ନ କେନ୍ଦ୍ର ଗସ୍ତ କରିଥିଲେ। ତାଙ୍କୁ କେନ୍ଦ୍ର ପକ୍ଷରୁ ଅଧକ୍ଷ ଶ୍ରୀ ରାମ ପ୍ରତୀକ, କର୍ମଚାରୀ ସୁରେଶ ଚନ୍ଦ୍ର ଦାସ, ମହେନ୍ଦ୍ର ସାମଲ ସମ୍ବର୍ଦ୍ଧିତ କରିଥିଲେ। କେନ୍ଦ୍ରର ସୁବିଧା ଅସୁବିଧା ସମ୍ପର୍କରେ ବୁଝିବା ସହ ଅନ୍ତେବାସୀମାନଙ୍କ ଦ୍ୱାରା ନିର୍ମାଣ କରାଯାଉଥିବା ଥ୍ରୀଡି ଚିତ୍ର କଳା, ବର୍ଜ୍ୟବସ୍ତୁ ଚିତ୍ର କଳା, ବାଲୁକା ଶିଳ୍ପ ଚିତ୍ର କଳା ଆଦି ଦେଖି ଖୁସିବ୍ୟକ୍ତ କରିଥିଲେ। ଶିଶୁଯତ୍ନ କେନ୍ଦ୍ରର ଅନ୍ତେବାସୀଙ୍କ ଆବଶ୍ୟକ ଥିବା ଏକ ଶୌଚାଳୟ ଖୁବ୍‌ଶୀଘ୍ର ନିର୍ମାଣ ପାଇଁ ବାଙ୍କୀ ବିଧାୟକ ଦେବୀ ରଞ୍ଜନ ତ୍ରିପାଠୀ ଓ ପୂର୍ବତନ ବିଧାୟକ ପ୍ରଭାତ ତ୍ରିପାଠୀଙ୍କ ସହ ଆଲୋଚନା କରିବେ ବୋଲି ସେ କହିଥିଲେ। ଏହି ପରିଦର୍ଶନରେ ତାଙ୍କ ସହ ସାମାଜିକ କର୍ମୀ ଅସ୍ମିତା ଯାଦବ ନାୟକ, ବାଙ୍କୀ ପ୍ରେସ୍ କ୍ଲବର ଉପସଭାପତି ସମରେନ୍ଦ୍ର ମହାପାତ୍ର, ଖବରଦାତା ଗୌତମ ମିଶ୍ର,ମହେନ୍ଦ୍ର ସାମଲ ପ୍ରମୁଖ ସାମିଲ ହୋଇଥିଲେ।

# ଯୋଗ୍ୟତା ପତ୍ର, ଇଣ୍ଟେଲିଜେନ୍ସ ରିପୋର୍ଟ ଆଳ

■ ମେୟର ପ୍ରାର୍ଥୀ ଚୂଡ଼ାନ୍ତ କଲେଣି ସବୁ ଦଳ, ଘୋଷଣାକୁ ଅପେକ୍ଷା

■ ପ୍ରଥମ ଦିନରେ ନାମାଙ୍କନ କଲେନି କୌଣସି ପ୍ରାର୍ଥୀ

ଭୁବନେଶ୍ୱର, ୨।୩(ବ୍ୟୁରୋ)

ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ପାଇଁ ଆସନ୍ତା ୨୪ ତାରିଖରେ ଭୋଟ ହେବାକୁ ଥିବାବେଳେ ବୁଧବାରଠାରୁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଯାଇଛି। ପ୍ରଥମ ଦିନରେ କୌଣସି ପ୍ରାର୍ଥୀ ମନୋନୟନପତ୍ର ଦାଖଲ କରିନାହାନ୍ତି। ହେଲେ ବିଭିନ୍ନ ୱାର୍ଡର କର୍ପୋରେଟର ପଦବୀ ଲାଗି ୧୯୪ ଫର୍ମ ଏବଂ ମେୟର ପଦବୀ ସକାଶେ ୫ ଫର୍ମ ଆଶାୟୀ ପ୍ରାର୍ଥୀମାନେ ନେଇଛନ୍ତି। ରାଜ୍ୟର ୩ ପ୍ରମୁଖ ରାଜନୈତିକ ଦଳ ବିଜେଡି, ଭାଜପା ଓ କଂଗ୍ରେସ ପକ୍ଷରୁ ଏ ପର୍ଯ୍ୟନ୍ତ ପ୍ରାର୍ଥୀ ଚୂଡ଼ାନ୍ତ ହୋଇନାହିଁ। ସବୁ ଦଳ ତରଫରୁ ପ୍ରାର୍ଥୀ ଚୟନକୁ ନେଇ ଜୋର୍‌ଦାର ବୈଠକ ହେଉଛି। ଅନ୍ୟପକ୍ଷରେ ନାମାଙ୍କନକୁ ଆଉ ମାତ୍ର ୫ଦିନ ଥିବାରୁ ସବୁ ଦଳ ନିଜ ମେୟର ପ୍ରାର୍ଥୀ ପ୍ରାୟ ଚୂଡ଼ାନ୍ତ କରିବା ପର୍ଯ୍ୟାୟରେ ପହଞ୍ଚିଗଲେଣି।

ଶାସକ ଦଳରେ ସବୁ ୱାର୍ଡ ପାଇଁ ଆଶାୟୀଙ୍କ ସଂଖ୍ୟା ବହୁ ମାତ୍ରାରେ ବଢ଼ିଛି। ସେମାନଙ୍କୁ ବୁଝାଇ ରଖିବା ସକାଶେ ଦଳ ମଧ୍ୟ ସୁଚିନ୍ତିତ ଯୋଜନା ପ୍ରସ୍ତୁତ କରିଛି। ଯେଉଁମାନେ କୌଣସି ଆଡୁ ଚାପ ପକାଇ ଟିକେଟ ନେବାକୁ ପ୍ରୟାସ କରୁଛନ୍ତି ଶାସକ ଦଳ ସେମାନଙ୍କଠାରୁ ଯୋଗ୍ୟତା ପ୍ରମାଣପତ୍ର ମଗାଉଛି। ଏହାପରେ ବିଧାୟକମାନେ ଉକ୍ତ ଯୋଗ୍ୟତା ପ୍ରମାଣପତ୍ର ଉପରକୁ ପଠାଇଦେଇଥିବା ସହ ଇଣ୍ଟେଲିଜେନ୍ସ ରିପୋର୍ଟକୁ ଅପେକ୍ଷା କରିବାକୁ କହି ବୁଝାଶୁଝାଇ ରଖୁଛନ୍ତି। ପ୍ରତ୍ୟେକ ୱାର୍ଡ ପାଇଁ ୩ ଜଣ ଲେଖା ଆଶାୟୀଙ୍କ ତାଲିକା କରି ଦେବାକୁ ଦଳର ଶୀର୍ଷ ନେତୃତ୍ୱଙ୍କ ତରଫରୁ ବିଏମ୍‌ସି ଅଞ୍ଚଳରେ ଆସୁଥିବା ୩ ନିର୍ବାଚନମଣ୍ଡଳୀର ବିଧାୟକଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହି ଅନୁସାରେ ବିଧାୟକମାନେ ଦୁଇଦିନ ତଳୁ ସେହି ପ୍ରକ୍ରିୟା ମଧ୍ୟ ଏକ ପ୍ରକାର ଶେଷ କରିସାରିଛନ୍ତି। ଏହାପରେ ଯେଉଁମାନେ ଆଶାୟୀ ରହୁଛନ୍ତି ସେମାନଙ୍କୁ ବୁଝାଇବା ଲାଗି ଏହି ଫର୍ମୁଲା ବିଧାୟକମାନେ ଆପଣାଇଛନ୍ତି। ଅନ୍ୟପଟେ ବିଜେଡି ଆସନ୍ତା ୪ ଏବଂ ୫ ତାରିଖ ୨ଟି ପର୍ଯ୍ୟାୟରେ ସବୁ ୱାର୍ଡ ପାଇଁ କାହାକୁ କେଉଁଠାରୁ ପ୍ରାର୍ଥୀ କରାଯିବ ସେନେଇ ଚୂଡ଼ାନ୍ତ ତାଲିକା ଘୋଷଣା କରାଯିବ। ଏହାଦ୍ୱାରା ଅସନ୍ତୁଷ୍ଟଙ୍କୁ ମଧ୍ୟ ବିରୋଧୀ ଦଳଗୁଡ଼ିକ ସେତେ ମାତ୍ରାରେ ନିଜ ଆଡ଼କୁ ନେବା ସମ୍ଭାବନା କମ୍ ରହିବ ବୋଲି ଚର୍ଚ୍ଚା ଲାଗି ରହିଛି। ସେପଟେ ପୂର୍ବରୁ ମେୟର ପଦବୀ ଲାଗି ୩ ଜଣଙ୍କ ନାଁକୁ ନେଇ ଚାଲିଥିବା ଚର୍ଚ୍ଚାରେ ସାମାନ୍ୟ ପରିବର୍ତ୍ତନ ଆସିଛି। ଦଳ ପକ୍ଷରୁ 'ମୋ ସ୍କୁଲ ଅଭିଯାନ' ଅଧ୍ୟକ୍ଷା ସୁସ୍ମିତା ବାଗ୍‌ଚୀଙ୍କୁ ମେୟର ପ୍ରାର୍ଥୀ କରାଯିବା ଯଥେଷ୍ଟ ସମ୍ଭାବନା ଥିବା ଦଳର ବହୁ ଆଗଧାଡ଼ିର ନେତାଙ୍କ ମୁହଁରୁ ଶୁଣିବାକୁ ମିଳିଲାଣି। ଯଦିଓ ଦଳ କାହାରିକୁ ପ୍ରାର୍ଥୀ କରିବ ସେକଥା ସ୍ପଷ୍ଟ ଭାବେ କହିପାରୁନାହାନ୍ତି ତଥାପି ବାଗ୍‌ଚୀଙ୍କ ନାଁ ନେଇ ଅଧିକ ଆଲୋଚନା କରୁଛନ୍ତି। ଅନ୍ୟପଟେ ସବୁଠାରୁ ବଡ଼ କଥା ହେଉଛି ମେୟର ପଦବୀ ଲାଗି ଦଳରୁ ମଧ କେହି ଆଶାୟୀ ସେମିତି ନାହାନ୍ତି। ଯେହେତୁ ଦଳ ନିଷ୍ପତ୍ତି କେହି ଜାଣୁନାହାନ୍ତି ସେଥିଲାଗି ଆଶା ମଧ କରିବାକୁ କେହି ସାହସ କରୁନାହାନ୍ତି। ୫ ତାରିଖରେ ଦଳ ମେୟର ପ୍ରାର୍ଥୀଙ୍କ ନାଁ ଘୋଷଣା କରିପାରେ।

ସେହିପରି ବିଏମ୍‌ସି ଭୋଟ ନେଇ କଂଗ୍ରେସ ପକ୍ଷରୁ ଗଠନ ହୋଇଥିବା ପୌର ନିର୍ବାଚନ ପରିଚାଳନା କମିଟିର ବୈଠକ ବୁଧବାର ବରିଷ୍ଠ ନେତା ନରସିଂହ ମିଶ୍ରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଛି। ବିଏମ୍‌ସିର ସବୁ ୱାର୍ଡର ଟିକେଟ ବଣ୍ଟନ ଦାୟିତ୍ୱ ଜିଲା କମିଟି ହାତରେ ଟେକି ଦିଆଯାଇଛି। ତେଣୁ କର୍ପୋରେଟର ଟିକେଟ ବଣ୍ଟନ ପୂର୍ବରୁ ଆଶାୟୀ ପ୍ରାର୍ଥୀଙ୍କ ତାଲିକାକୁ ଅନୁଧ୍ୟାନ କରି ଚୂଡ଼ାନ୍ତ ରିପୋର୍ଟ ପ୍ରକାଶ ପାଇଁ ଆଉ ୨ ଦିନ ଲାଗିବ ବୋଲି ଦଳର ଜଣେ ବରିଷ୍ଠ ନେତା କହିଛନ୍ତି। ଯଦି ପ୍ରାର୍ଥୀ ଚୟନରେ ସମସ୍ୟା ହୁଏ, ତେବେ ପରବର୍ତ୍ତୀ ସମୟରେ ତାହା ପରିବର୍ତ୍ତନ କରାଯିବାକୁ ବୈଠକରେ ନିଷ୍ପତ୍ତି ହୋଇଛି। ଦଳରେ ଯଦିଓ ପ୍ରାର୍ଥୀ ହେବା ଲାଗି ସେତେଟା ଆଶାୟୀଙ୍କ ସଂଖ୍ୟା ଥିବା ଭଳି ମନେ ହେଉନାହିଁ ତେଣୁ ମେୟର ପଦବୀର ପ୍ରାର୍ଥୀଙ୍କୁ ନେଇ ଦଳ ବିଶେଷ ଗୁରୁତ୍ୱ ଦେଉଛି। କଂଗ୍ରେସ ପକ୍ଷରୁ ମଧୁସ୍ମିତା ଆଚାର୍ଯ୍ୟଙ୍କୁ ମେୟର ପ୍ରାର୍ଥୀ କରାଯିବା ନେଇ ଏକ ପ୍ରକାର ଚୂଡ଼ାନ୍ତ ହୋଇସାରିଥିବା ଜଣାପଡ଼ିଛି। ଚର୍ଚ୍ଚାରେ ରଶ୍ମି ମହାପାତ୍ରଙ୍କ ନାମ ଥିଲେ ମଧ ମଧୁସ୍ମିତାଙ୍କୁ ଟିକେଟ ମିଳିବ ବୋଲି ଦଳର ଜଣେ ବରିଷ୍ଠ ନେତା ବୈଠକ ସରିବାପରେ ମତ ରଖିଛନ୍ତି।

ଅନୁରୂପଭାବେ ଭାଜପାରେ ମଧ ପ୍ରାର୍ଥୀ ଚୟନ ପ୍ରକ୍ରିୟା ଶେଷ କରିବା ଏକ ବଡ ଚ୍ୟାଲେଞ୍ଜର ବିଷୟ ପାଲଟିଛି। ଦଳ ତରଫରୁ ଟିକେଟ ଦିଆଯାଇ ନ ଥିଲେ ମଧ ଯେଉଁମାନଙ୍କୁ ପ୍ରାର୍ଥୀ କରାଯିବ ସେକଥା ସେମାନଙ୍କୁ କହିଦିଆଗଲାଣି। ତେଣୁ ଆଶାୟୀ ପ୍ରାର୍ଥୀମାନେ ନିଜ ନିଜର ୱାର୍ଡ ପାଇଁ ଦଳୀୟ ପତାକା, ଉତ୍ତରୀୟ ଆଦି ନେବା ଆରମ୍ଭ କରିଦେଇଛନ୍ତି। ଗୁରୁବାର ଭାଜପାର ପ୍ରାୟ ୮ରୁ ୧୦ ଜଣ ସେମାନଙ୍କ ନାମାଙ୍କନପତ୍ର ଦାଖଲ କରିବେ। ଏହାପରେ ପର୍ଯ୍ୟାୟକ୍ରମେ ୫ ତାରିଖ ସୁଦ୍ଧା ଚୂଡ଼ାନ୍ତ କରି ପ୍ରାର୍ଥୀମାନଙ୍କୁ ଟିକେଟ ଦିଆଯିବ ବୋଲି ଜଣାପଡ଼ିଛି। ତେବେ ପ୍ରାର୍ଥୀ ଚୟନକୁ ନେଇ ଭାଜପାରେ ମଧ ଅସନ୍ତୁଷ୍ଟଙ୍କ ସଂଖ୍ୟା ବହୁମାତ୍ରାରେ ବଢ଼ିବାରେ ଲାଗିଥିବା ଏକ ବିଶ୍ୱସ୍ତ ସୂତ୍ରରୁ ଜଣାପଡିଛି। ଏମ୍‌ପି ଅପରାଜିତା ଷଡ଼ଙ୍ଗୀଙ୍କ ନେତୃତ୍ୱରେ ତାଙ୍କ ବାସଭବନରେ ବିଏମ୍‌ସି ନିର୍ବାଚନର ସମସ୍ତ ପ୍ରସ୍ତୁତି ଚାଲିଛି। ମେୟର ପ୍ରାର୍ଥୀ କାହାକୁ କରାଯିବ ଦଳ ସେହି ଦାୟିତ୍ୱ ସମ୍ପୂର୍ଣ୍ଣ ଅପରାଜିତାଙ୍କ ହାତରେ ନ୍ୟସ୍ତ କରିଛି। ଦଳ ଜଣେ କର୍ପୋରେଟ ମହିଳାଙ୍କୁ ପ୍ରାର୍ଥୀ କରିବ ବୋଲି ପ୍ରସ୍ତାବ ରଖିଥିବା ବେଳେ ପରବର୍ତ୍ତୀ ସମୟରେ ସେହି ନିଷ୍ପତ୍ତିରେ ପରିବର୍ତ୍ତନ ହୋଇଯାଇଛି। ଦଳ ପକ୍ଷରୁ ଲେଖାଶ୍ରୀ ସାମନ୍ତସିଂହାର, ଊର୍ମିଳା ମହାପାତ୍ର କିମ୍ବା ଅନୁ ଚୌଧୁରୀଙ୍କ ମଧ୍ୟରୁ ଜଣଙ୍କୁ ପ୍ରାର୍ଥୀ କରିବା ନେଇ ଚର୍ଚ୍ଚା ଜୋର୍ ଧରିଛି।

# ୧୬୩ ପ୍ୟାକେଟ୍ ଧାନ ଜବତ

**ଜିଲା ଯୋଗାଣ ବିଭାଗର ଚଢ଼ାଉ**

କଟକ ଅଫିସ,୨।୩

କଟକ ସଦର ବ୍ଲକ ଅଧୀନ ଶଙ୍ଖତ୍ରାସଠାରେ ଥିବା ଏକ ଗୋଦାମରେ ବୁଧବାର ଜିଲା ଯୋଗାଣ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ୧୬୩ ପ୍ୟାକେଟ ଧାନ ଜବତ କରାଯାଇଥିଲା। ଏହି ଧାନକୁ ଜଣେ ବ୍ୟକ୍ତି କୁଇଣ୍ଟାଲ ପିଛା ୧୩୪୦ ଟଙ୍କାରେ ଚାଷୀଙ୍କ ଠାରୁ କିଣି ଉକ୍ତ ଗୋଦାମରେ ରଖିଥିଲେ। ପରେ ଏହାକୁ କୁଇଣ୍ଟାଲ ପିଛା ୧୯୪୦ ଟଙ୍କାରେ ମଣ୍ଡିରେ ବିକ୍ରି କରୁଥିବା ଅଭିଯୋଗ ହୋଇଥିଲା। ତେବେ ଚଢ଼ାଉବେଳେ ସମ୍ପୃକ୍ତ ବ୍ୟକ୍ତି ଏହି ଧାନ ସମ୍ବନ୍ଧରେ କୌଣସି କାଗଜପତ୍ର ଦେଖାଇ ପାରି ନ ଥିଲେ। ପ୍ୟାକେଟରେ ଥିବା ଧାନର ଓଜନ ୧୦୪.୨୦ କୁଇଣ୍ଟାଲ ବୋଲି ବିଭାଗ ପକ୍ଷରୁ କୁହାଯାଇଛି। ଜବତ ଧାନକୁ କଣ୍ଟାପଡା ବ୍ଲକ ବାଇରୋଇସ୍ଥିତ ପୁଷ୍ପା ରାଇସ ମିଲ୍‌କୁ ହସ୍ତାନ୍ତର କରାଯାଇଛି। ଏହି ଚଢ଼ାଉରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ତୁଷାରକାନ୍ତ ଦେଓ, ଜିଲା ଯୋଗାଣ ଅଧିକାରୀ ମାନସ ରଞ୍ଜନ ଅଧିକାରୀ, ଅତିରିକ୍ତ ଜିଲା ଯୋଗାଣ ଅଧିକାରୀ ଜ୍ଞାନେନ୍ଦ୍ର ମିଶ୍ର, ସହକାରୀ ଯୋଗାଣ ଅଧିକାରୀ ରାଜଲକ୍ଷ୍ମୀ ପାତ୍ର, ଯୋଗାଣ ନିରୀକ୍ଷକ କେଦାରନାଥ ପ୍ରଧାନ ପ୍ରମୁଖ ସାମିଲ ହୋଇଥିଲେ।



ପୌର ନିର୍ବାଚନ ପାଇଁ କଟକ ସହିଦ ଭବନସ୍ଥିତ କାଉଣ୍ଟରରୁ ବୁଧବାର ନାମାଙ୍କନପତ୍ର କିଣିବାକୁ ପ୍ରାର୍ଥୀମାନେ ଧାଡ଼ିରେ ଛିଡ଼ାହୋଇଛନ୍ତି।

# ପ୍ରଥମ ଦିନରେ ପ୍ରାର୍ଥୀପତ୍ର ଦାଖଲ ହେଲାନି

**ପୌର ନିର୍ବାଚନ**

■ବିକ୍ରିହେଲା ୨୮୪ ଫର୍ମ

କଟକ ଅଫିସ,୨।୩

ପୌର ନିର୍ବାଚନ ତାରିଖ ଘୋଷଣା ପରେ ବୁଧବାରଠାରୁ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦିନରେ କର୍ପୋରେଟର ପାଇଁ ୨୮୨ ଓ ମେୟର ପାଇଁ ଦୁଇଟି ଫର୍ମ ବିକ୍ରି ହୋଇଛି। ହେଲେ କର୍ପୋରେଟର ପାଇଁ କଟକ ମହାନଗର ନିଗମ(ସିଏମ୍‌ସି) ନିକଟରେ କେହି ପ୍ରାର୍ଥୀପତ୍ର ଦାଖଲ କରି ନ ଥିବା ଡେପୁଟି କମିଶନର ଅଜୟ ମହାନ୍ତି ସୂଚନା ଦେଇଛନ୍ତି। ପ୍ରାର୍ଥୀପତ୍ର ସୁରୁଖୁରୁରେ ଦାଖଲ ପାଇଁ ସିଏମ୍‌ସି ପକ୍ଷରୁ ବ୍ୟାପକ ବ୍ୟବସ୍ଥା କରାଯାଇଛି। ୧୧ଟି କାଉଣ୍ଟରରେ କର୍ପୋରେଟର ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିପାରିବେ। ୧ରୁ ୬ ନଂ. କାଉଣ୍ଟର ବିଜୁ ଭବନ ପରିସରରେ ଖୋଲାଯାଇଛି। ସେଠାରେ ୧ରୁ ୩୪ ନଂ ୱାର୍ଡର ପ୍ରାର୍ଥୀମାନେ ପ୍ରାର୍ଥୀପତ୍ର ଦାଖଲ କରିପାରିବେ। ସେହିପରି ବିଜୁଭବନ ପାର୍ଶ୍ୱ କଲ୍ୟାଣ ମଣ୍ଡପରେ ୭ରୁ ୧୧ ନଂ. କାଉଣ୍ଟର ଖୋଲାଯାଇଛି। ସେଠାରେ ୩୫ରୁ ୫୯ ନଂ. ୱାର୍ଡର ପ୍ରାର୍ଥୀମାନେ ନାମାଙ୍କନପତ୍ର ଦାଖଲ କରିପାରିବେ। ତେବେ ଉକ୍ତ କାଉଣ୍ଟରଗୁଡିକରେ କେବଳ କର୍ପୋରେଟର ପ୍ରାର୍ଥୀମାନେ ପ୍ରାର୍ଥୀପତ୍ର ଦାଖଲ କରିବେ। ମେୟର ପ୍ରାର୍ଥୀମାନେ ନିର୍ବାଚନ ଅଧିକାରୀଙ୍କ କକ୍ଷରେ ନାମାଙ୍କନ ପତ୍ର ଦାଖଲ କରିବେ ବୋଲି ସିଏମ୍‌ସି ପକ୍ଷରୁ ସୂଚନା ଦିଆଯାଇଛି।

# ନନ୍ଦନକାନନରେ ବାଦୁଡ଼ିର ମୃତ୍ୟୁ

ବାରଙ୍ଗ, ୨।୩(ଡି.ଏନ୍.ଏ.)

ପ୍ରାଣୀଉଦ୍ୟାନ ନନ୍ଦନକାନନର ଅନ୍ଧାର ଘରେ ରହୁଥିବା ଏକ ମାଈ ବାଦୁଡିର ବୁଧବାର ସକାଳେ ମୃତ୍ୟୁ ଘଟିଛି। କିଛିଦିନ ହେବ ବାଦୁଡ଼ିର ଥଣ୍ଡା ଓ ଜ୍ୱରଜନିତ ସମସ୍ୟା ଦେଖାଦେବାରୁ ନନ୍ଦନକାନନ ବନ୍ୟପ୍ରାଣୀ ଚିକିତ୍ସକ ତା'ର ଚିକିତ୍ସା କରୁଥିଲେ। ହେଲେ ମଙ୍ଗଳବାରଠାରୁ ତା'ର ଖାଇବା ପରିମାଣ କମିଯିବା ସହ ଦୁର୍ବଳ ହୋଇ ଗୋଟିଏ ସ୍ଥାନରେ ପଡିରହୁଥିଲା। ନିମୋନିଆ ରୋଗରେ ପୀଡ଼ିତ ଥିବାରୁ ତା'ର ମୃତ୍ୟୁ ହୋଇଥିବା ବ୍ୟବଚ୍ଛେଦ ରିପୋର୍ଟରୁ ସ୍ପଷ୍ଟ ହୋଇଛି ବୋଲି ନନ୍ଦନକାନନ ପ୍ରାଣୀ ବିଶେଷଜ୍ଞ କହିଛନ୍ତି।

# ମଦ ସହ ବୋଲେରୋ ଜବତ, ଡ୍ରାଇଭର ଗିରଫ

ବାରଙ୍ଗ,୨।୩(ଡି.ଏନ୍.ଏ.)

ଚୋରା ମଦ ବୋଝେଇ ବୋଲେରୋକୁ ବୁଧବାର ବାରଙ୍ଗ ପୋଲିସ ଜବତ କରିଛି। ଉକ୍ତ ବୋଲେରୋରୁ ୨୮୦ ଲିଟର ଦେଶୀ ମଦ ଜବତ କରିବା ସହ ଚାଳକ ଗିରିଶ ଚନ୍ଦ୍ର ଜେନାଙ୍କୁ ପୋଲିସ ଗିରଫ କରିଛି। ଏ ନେଇ ପୋଲିସ ଏକ ମାମଲା (ନଂ. ୪୨/୨୨) ରୁଜୁ କରିଛି। ଆଠଗଡ ପଟରୁ ଉକ୍ତ ବୋଲେରୋ(ନଂ. ଓଆର ୦୨ ବିକେ ୪୫୪୯) ଆସୁଥିଲା। ଖବର ପାଇ ପୋଲିସ ମଧୁବନ ଗ୍ରାମ ନିକଟସ୍ଥ ପୁରୀ ମୁଖ୍ୟ କେନାଲ ପାଖରେ ଜଗି ରହିଥିଲେ। ବୋଲେରୋ ସେଠି ପହଞ୍ଚିବା ପରେ ପୋଲିସ ଅଟକାଇ ଯାଞ୍ଚ କରିବାରୁ ସେଥିରେ ମଦ ଥିବା ଦେଖିବାକୁ ମିଳିଥିଲା। ଏହାପରେ ଚାଳକ ଏବଂ ଗାଡିକୁ ଥାନାକୁ ନେଇଥିଲେ। ମଦ ଭର୍ତ୍ତି ବୋଲେରୋଟି ବାଲିଅନ୍ତା ଅଞ୍ଚଳକୁ ଯାଉଥିବାର ପୋଲିସ ଅନୁଧ୍ୟାନବେଳେ ଜାଣିବାକୁପାଇଥିଲା ବୋଲି ଥାନାଧିକାରୀ ଆକାଶ ଚନ୍ଦ୍ର ରାଣା କହିଛନ୍ତି।

# ଏନ୍‌ଏସି ନିର୍ବାଚନ ପାଇଁ ପ୍ରଶାସନିକ ପ୍ରସ୍ତୁତି

**ଉପଜିଲାପାଳଙ୍କ କାର୍ଯ୍ୟ ସମୀକ୍ଷା**

ବାଙ୍କୀ,୨।୩(ସ୍ୱ.ପ୍ର.)

ପୌର ନିର୍ବାଚନ ପ୍ରାର୍ଥୀପତ୍ର ଦାଖଲ ପ୍ରକ୍ରିୟା ବୁଧବାରଠାରୁ ଆରମ୍ଭ ହୋଇଛି। ଏଥିପାଇଁ ବାଙ୍କୀ ଏନ୍‌ଏସିରେ କାଉନସିଲର ଆଶାୟୀଙ୍କ ସଂଖ୍ୟା ବଢିବାରେ ଲାଗିଛି। ପାର୍ଥିପତ୍ର ଦାଖଲର ପ୍ରଥମ ଦିନରେ ୫ଜଣ ଆଶାୟୀ ପ୍ରାର୍ଥୀମାନେ ନାମାଙ୍କନପତ୍ର କ୍ରୟ କରିଛନ୍ତି। ବୁଧବାରଠାରୁ ୭ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ଦାଖଲ କରାଯିବ। ବାଙ୍କୀ ଏନଏସି ପକ୍ଷରୁ କୋଭିଡ୍ କଟକଣା ଅନୁଯାୟୀ ସମସ୍ତ ପ୍ରସ୍ତୁତି କରାଯାଇଛି। ବାଙ୍କୀ ଉପଜିଲାପାଳ ରଞ୍ଜନ କୁମାର ଜେନା ପୌର ନିର୍ବାଚନର ସମସ୍ତ କାର୍ଯ୍ୟ ସମୀକ୍ଷା କରିଛନ୍ତି। କିପରି ସୂଚାର ରୂପେ ପରିଚାଳନା ହୋଇପାରିବ ସେଥିପାଇଁ ବାଙ୍କୀ ତହସିଲଦାର ସତ୍ୟ ରଞ୍ଜନ ପଣ୍ଡାଙ୍କୁ ନିର୍ବାଚନ ଅଧିକାରୀ ରୂପେ ନିଯୁକ୍ତି ଦେଇଛନ୍ତି। ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଯୋଗେଶ୍ୱର ନାୟକଙ୍କୁ ଉପ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି କରିଛନ୍ତି। ବାଙ୍କୀରେ ୧୭ଗୋଟି ୱାର୍ଡରେ ୧୮ ଗୋଟି ବୁଥ୍‌ରେ ମତଦାନ ୨୪ ତାରିଖରେ ଅନୁଷ୍ଠିତ ହେବ। ଚଳିତ ଥର ପ୍ରଥମ ଥର ପାଇଁ ଚେୟାରମ୍ୟାନ (ନଗରପାଳ) ସିଧାସଳଖ ନିର୍ବାଚନ କରାଯିବ। ବାଙ୍କୀ ଏନ୍‌ଏସିର ୧୭ ଗୋଟି ୱାର୍ଡରେ ସମୁଦାୟ ୧୪,୦୭୫ ଭୋଟର ସେମାନଙ୍କ ମତ ସାବ୍ୟସ୍ତ କରିବେ। ସେମାନଙ୍କ ମଧ୍ୟରୁ ୭,୨୫୬ ପୁରୁଷ, ୬,୮୧୮ ମହିଳା ଓ ଜଣେ ତୃତୀୟ ଲିଙ୍ଗ ରହିଛନ୍ତି।

ବାଙ୍କୀ ଉପଜିଲାପାଳ ଜେନା ସମସ୍ତ ୧୮ଗୋଟି ମତଦାନ କେନ୍ଦ୍ରର ସ୍ଥିତି ସମ୍ପର୍କରେ ନିର୍ବାଚନ ଅଧିକାରୀ ପଣ୍ଡାଙ୍କ ସହ ଆଲୋଚନା କରିଛନ୍ତି। ସମସ୍ତ ମତଦାନ କେନ୍ଦ୍ରରେ ବିଦ୍ୟୁତ୍, ପାନୀୟ ଜଳ, ପରିମଳ ସୂଚାରୁ ରୁପେ ସମ୍ପନ୍ନ ହେବ ସମ୍ପର୍କରେ ବିଶେଷ ଦୃଷ୍ଟି ଦେବାକୁ ଉପଜିଲାପାଳ ଜେନା ସମସ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ପ୍ରତ୍ୟେକ ବୁଥ ରେ ଦିବ୍ୟାଙ୍ଗ ବ୍ୟକ୍ତି ଓ ବରିଷ୍ଠ ବ୍ୟକ୍ତିମାନେ କିପରି ସୂଚାରୁରୂପେ ମତଦାନ କେନ୍ଦ୍ରକୁ ଆସିବେ ସେଥିପାଇଁ ହୁଇଲ ଚ୍ୟାୟାର ବ୍ୟବସ୍ଥାକୁ ବିଶେଷ ଦୃଷ୍ଟି ଦେବାକୁ କହିଥିଲେ। ଗୋଟିଏକୁ ଆଦର୍ଶ ବୁଥ୍ ଓ ଅନ୍ୟ ଏକକୁ ପିଙ୍କ ବୁଥ୍ ଚିହ୍ନଟ କରାଯିବ ବୋଲି ନିର୍ବାଚନ ଅଧିକାରୀ ପଣ୍ଡା କହିଛନ୍ତି। ବାଙ୍କୀ ଚର୍ଚ୍ଚିକା ନୋଡାଲ ବିଦ୍ୟାଳୟଠାରେ ଷ୍ଟ୍ରଙ୍ଗ୍‌ରୁମ୍ ରହିବ ବୋଲି ସ୍ଥିର କରାଯାଇଛି ବୋଲି ଉପଜିଲାପାଳ ଜେନା ପ୍ରକାଶ କରିଛନ୍ତି।

# ପୁରୀ ମୁଖ୍ୟ କେନାଲରେ କୁମ୍ଭୀର



ଫୁଲନଖରା,୨।୩(ଡି.ଏନ.ଏ.)

କଟକ ସଦର ଥାନା ଅନ୍ତର୍ଗତ ପୁରୀ ମୁଖ୍ୟ କେନାଲର ନୂଆଗଡଠାରେ ବୁଧବାର ଏକ ଅଣ୍ଠିଆ କୁମ୍ଭୀର ଦେଖିବାକୁ ମିଳିଥିଲା। ଉକ୍ତ କୁମ୍ଭୀର ସାତକୋଶିଆ ଗଣ୍ଡରୁ ମହାନଦୀର ନରାଜ ଦେଇ ପୁରୀ ମୁଖ୍ୟ କେନାଲରେ ପ୍ରବେଶ କରିଥିବା ଜଣାପଡିଛି। ଏହି କୁମ୍ଭୀର ପିଠିରେ ବନ ବିଭାଗ ପକ୍ଷରୁ ଜିପିଏସ୍ ସିଷ୍ଟମ ଖଞ୍ଜାଯାଇ ଗତିବିଧି ଉପରେ ନଜର ରଖାଯାଇଛି। ବୁଧବାର ନରାଜଠାରେ ଗେଟ୍ ବନ୍ଦ କରି ମୁଖ୍ୟ କେନାଲରୁ ଜଳ ନିଷ୍କାସନ କରାଯାଉଛି। ଗୁରୁବାର ସୁଦ୍ଧା କୁମ୍ଭୀରକୁ ଉଦ୍ଧାର କରାଯିବ ବୋଲି ବନ ବିଭାଗ ପକ୍ଷରୁ କୁହାଯାଇଛି।

# ଶାନ୍ତିଶୃଙ୍ଖଳାରେ ସରିଲା ପଞ୍ଚାୟତ ନିର୍ବାଚନ

**୯୧,୦୯୩ ବୁଥ୍‌ରେ ମତଦାନ, ୧୧୪ ବୁଥ୍‌ରେ ପୁନଃ ମତଦାନ**

କଟକ ଅଫିସ,୨।୩

ରାଜ୍ୟରେ ୯୧,୦୯୩ଟି ବୁଥ୍‌ରେ ଚଳିତବର୍ଷ ପଞ୍ଚାୟତ ନିର୍ବାଚନ ଶାନ୍ତିଶୃଙ୍ଖଳାରେ ଶେଷ ହୋଇଛି। ଚଳିତ ନିର୍ବାଚନରେ ୭୮.୬୦% ଭୋଟର ନିଜର ମତଦାନ ସାବ୍ୟସ୍ତ କରିଥିବାବେଳେ ୨୦୧୭ରେ ୭୮.୦୩%, ୨୦୧୨ରେ ୭୫.୩୦% ଏବଂ ୨୦୦୭ରେ ୭୩% ଭୋଟର ଭୋଟ ଦେଇଥିଲେ। ଚଳିତବର୍ଷ କିଛି ସ୍ଥାନରେ ନିର୍ବାଚନୀ ହିଂସାକୁ ବାଦ୍ ଦେଲେ ଅଧିକାଂଶ ସ୍ଥାନରେ ଶାନ୍ତିଶୃଙ୍ଖଳାରେ ନିର୍ବାଚନ ହୋଇଥିଲା। ଏହି ନିର୍ବାଚନବେଳେ ୧୧୪ଟି ବୁଥ୍‌ରେ ପୁନଃ ମତଦାନ ହୋଇଥିବାବେଳେ ୨୦୧୭ରେ ୧୩୦, ୨୦୧୨ରେ ୩୦୯, ୨୦୦୭ରେ ୨୨୯ ଏବଂ ୨୦୦୨ରେ ୪୫୩ ବୁଥ୍‌ରେ ପୁନଃ ମତଦାନ ହୋଇଥିଲା। ଚଳିତ ନିର୍ବାଚନରେ ମାଲକାନଗିରି ଜିଲା ସ୍ୱାଭିମାନ ଅଞ୍ଚଳରେ ବିପୁଳ ସଂଖ୍ୟାରେ ମତଦାନ ହୋଇଥିଲା। ଅନ୍ୟପକ୍ଷରେ ନିର୍ବାଚନ ସମୟରେ ରାଜ୍ୟର ବିଭିନ୍ନ ଥାନାରେ ମୋଟ୍ ୫୧୭୩ ଅବକାରୀ ମାମଲା ରୁଜୁ ହୋଇଥିବାବେଳେ ୧୯୪୧ ଜଣ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି। ଏଥିସହ ୪୧ଟି ବେଆଇନ ମାରଣାସ୍ତ୍ର, ୩କେଜି ୨୬ଗ୍ରାମ ନାର୍କୋଟିକ୍ସ ଡ୍ରଗ୍ସ ଜବତ କରାଯାଇଛି। ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ସମେତ ରାଷ୍ଟ୍ରପତିଙ୍କ ପୁରୀ ଗସ୍ତ, ପଞ୍ଜାବ ଏବଂ ଉତ୍ତର ପ୍ରଦେଶ ସାଧାରଣ ନିର୍ବାଚନ ପ୍ରକ୍ରିୟାରେ ରାଜ୍ୟର ସୁରକ୍ଷା କର୍ମଚାରୀ ମୁତୟନ ଏବଂ ମାଓବାଦୀ ଉପଦ୍ରୁତ ଅଞ୍ଚଳରେ ନିର୍ବାଚନ ପ୍ରକ୍ରିୟା ତ୍ୱରାନ୍ୱିତ କରାଯିବା ଭଳି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଏକ ସଙ୍ଗେ ସମ୍ପନ୍ନ କରାଯାଇଥିଲା। ଏଥିପାଇଁ ୮୪ ପ୍ଲାଟୁନ୍ ସୁରକ୍ଷା କର୍ମଚାରୀଙ୍କୁ ମୁତୟନ କରାଯାଇଥିଲା ବୋଲି ଡିଜିପିଙ୍କ କାର୍ଯ୍ୟାଳୟ ପକ୍ଷରୁ ପ୍ରେସ୍ ବିବୃତିରେ ସୂଚନା ଦିଆଯାଇଛି।

# ୟୁକ୍ରେନ୍‌ରୁ ଛାତ୍ରୀଛାତ୍ରଙ୍କୁ ଆଣିବା ଦାବିରେ ନୀରବ ପ୍ରତିବାଦ

କଟକ ଅଫିସ,୨।୩




କଟକ କଚେରିଗଡାଠାରେ ବିଭିନ୍ନ ନାଗରିକ ଅନୁଷ୍ଠାନ ପକ୍ଷରୁ ନୀରବ ପ୍ରତିବାଦ।

ୟୁକ୍ରେନ୍‌ରୁ ସୈନ୍ୟ ପ୍ରତ୍ୟାହାର ଓ ଭାରତୀୟ ଛାତ୍ରୀଛାତ୍ରଙ୍କୁ ଫେରାଇ ଆଣିବା ଦାବିରେ ବିଭିନ୍ନ ନାଗରିକ ଅନୁଷ୍ଠାନ ପକ୍ଷରୁ ବୁଧବାର କଟକ କଚେରିଗଡ଼ା ନିକଟରେ ନୀରବ ପ୍ରତିବାଦ କରାଯାଇଥିଲା। ଏଥିସହ ସଙ୍ଗଠନ ପକ୍ଷରୁ ଯୁଦ୍ଧ ବନ୍ଦ କରିବା ପାଇଁ ପୋଷ୍ଟର ମାଧ୍ୟମରେ 'ଯୁଦ୍ଧ ନୁହେଁ ଶାନ୍ତି ଚାହୁଁ' ବାର୍ତ୍ତା ଦିଆଯାଇଥିଲା। ଏ ସମ୍ପର୍କରେ ମହାନଗର ନାଗରିକ ମଞ୍ଚ ଆବାହକ ଚିତ୍ତରଞ୍ଜନ ମହାନ୍ତି କହିଛନ୍ତି, ୟୁକ୍ରେନ୍ ଉପରେ ରୁଷିଆର କର୍ତ୍ତୃତ୍ୱ ପ୍ରତିଷ୍ଠାକୁ କେନ୍ଦ୍ର କରି ଏହି ଯୁଦ୍ଧ ଜନ୍ମ ନେଇଛି। ଫଳରେ ବିଶ୍ୱଶାନ୍ତି ଏବେ ବିପର୍ଯ୍ୟୟ ମୁଖରେ ପଡିଛି। ଏପରି ଅବସ୍ଥାରେ ଭାରତୀୟ ଛାତ୍ରୀଛାତ୍ରଙ୍କୁ ସରକାରୀ ଖର୍ଚ୍ଚରେ ଆଣିବା ଓ ମୃତ ଛାତ୍ରଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ମହାନ୍ତି ଦାବି କରିଛନ୍ତି। ଏଥିସହ ୟୁକ୍ରେନ୍ ଓ ରୁଷିଆ ମଧ୍ୟରେ ଚାଲିଥିବା ଯୁଦ୍ଧ ବନ୍ଦ କରି ଶାନ୍ତି ପ୍ରତିଷ୍ଠା କରିବାକୁ ବିଶ୍ୱବାସୀ ସ୍ୱର ଉତ୍ତୋଳନ କରିବା ପାଇଁ ଆଗେଇ ଆସିବାକୁ ସେ କହିଛନ୍ତି। ଏହି ପ୍ରତିବାଦରେ ଖବରଦାତା ସତ୍ୟ ରାୟ, ସଂଗ୍ରାମୀ ଫୋରମ ଆବାହକ ପ୍ରଶାନ୍ତ ଦାସ, ସ୍ୱାଧୀନତା ସଂଗ୍ରାମୀ ନିଶାକର ଦାସ, ଲକ୍ଷ୍ମୀପ୍ରିୟା ମହାନ୍ତି, ଇଂ. ସି. ବି. ଶାସ୍ତ୍ରୀ, ବସ୍ତିବାସିନ୍ଦାଙ୍କ ମିଳିତ ମଞ୍ଚ ଆବାହକ ଖଗେଶ୍ୱର ସେଠୀ, ସାମାଜିକ କର୍ମୀ ଡଲି ଦାସ, ରାଷ୍ଟ୍ରୀୟ ଯୁବା ସଙ୍ଗଠନ ସଂଯୋଜକ ଡ. ବିଶ୍ୱଜିତ୍, ଆଇନଜୀବୀ ପ୍ରଶାନ୍ତ ପଣ୍ଡା, ଶ୍ରମିକ ନେତା ରାଜକିଶୋର ମଲ୍ଲିକ ପ୍ରମୁଖ ସାମିଲ ହୋଇଥିଲେ।

## ସଂକ୍ଷେପରେ

### ପ୍ରେମିକ ଘର ଆଗରେ ପ୍ରେମିକାଙ୍କ ଧାରଣା

**କଣାସ,୨।୩(ସ୍ୱ.ପ୍ର.):** ବିବାହ ପ୍ରତିଶ୍ରୁତି ଦେଇ ପ୍ରତାରଣା କରିଥିବା ଅଭିଯୋଗ ଆଣି ନ୍ୟାୟ ଦାବିରେ ପ୍ରେମିକା ଅଭିଯୁକ୍ତ ପ୍ରେମିକଙ୍କ ଘର ଆଗରେ ଧାରଣା ଦେଇଛନ୍ତି। ଏଥିସହ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। କଣାସ ଅଞ୍ଚଳରେ ଏହି ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁଯାୟୀ, କଣାସ ବ୍ଲକ ଅଞ୍ଚଳର ଜଣେ ଯୁବକଙ୍କ ସହିତ ନିକଟସ୍ଥ ଗ୍ରାମର ଜଣେ ଯୁବତୀଙ୍କର ୨୦୧୭ ମସିହାରୁ ପ୍ରେମ ସମ୍ପର୍କ ଗଢିଉଠିଥିଲା। ଯୁବତୀକୁ ସମ୍ପୃକ୍ତ ଯୁବକ ବିବାହ ପ୍ରତିଶ୍ରୁତି ଦେଇ ତାଙ୍କ ସହିତ ଦୈହିକ ସମ୍ପର୍କ ରଖିଥିଲେ। ଉଭୟଙ୍କ ପରିବାର ବିବାହ ପାଇଁ ରାଜି ମଧ ହୋଇଥିଲେ। ତେବେ ପରେ ଯୁବକ ଜଣକ ବିବାହ ପ୍ରସଙ୍ଗକୁ ଏଡ଼ାଇ ଗଲେ। ଗତ ୨୬ ତାରିଖରେ ଯୁବତୀଙ୍କ ବାପା ସମ୍ପୃକ୍ତ ଯୁବକଙ୍କ ଘରକୁ ଯାଇ ଆଲୋଚନା କରିଥିଲେ। ୨୮ ତାରିଖରେ ଉଭୟ ଗ୍ରାମର ଭଦ୍ରବ୍ୟକ୍ତିଙ୍କ ଉପସ୍ଥିତିରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିବାହ ନେଇ ନିଷ୍ପତ୍ତି ନିଆଯାଇଥିଲା। ତେବେ ଉକ୍ତ ନିଷ୍ପତ୍ତିକୁ ସମ୍ପୃକ୍ତ ଯୁବକ ଅବମାନନା କରିଥିଲେ। ଏପରି କି ପ୍ରତିଶୋଧ ପରାୟଣ ହୋଇ ଯୁବତୀଙ୍କୁ ବଳପୂର୍ବକ ଏକ ଗାଡ଼ିରେ ଆଣି ନିଛାଟିଆ ରାସ୍ତାରେ ଫିଙ୍ଗିଦେଇ ଚାଲିଯାଇଥିଲେ। ୨୮ ତାରିଖ ରାତିରେ ଏହି ଘଟଣା ଘଟିଥିଲା। ଯୁବତୀ ଜଣକ କୌଣସି ମତେ ସେଠାରୁ ଗାଁକୁ ଫେରି ପରିବାରବର୍ଗଙ୍କୁ ସମସ୍ତ ଘଟଣା କହିଥିଲେ। ଏହାପରେ ତାଙ୍କ ପରିବାର ପକ୍ଷରୁ ଗଡ଼ିଶାଗୋଦା ଥାନାରେ ଏତଲା ଦିଆଯିବା ସହ ଏସ୍‌ପିଙ୍କୁ ଅବଗତ କରାଯାଇଛି। ପୋଲିସ ଉଭୟ ପକ୍ଷକୁ ଡକାଇ ଆଲୋଚନା କରିଥିବା ଜଣାପଡ଼ିଛି।

### ବିଏସ୍‌ଏଫ୍ ଯବାନଙ୍କ ମୃତ୍ୟୁ

**କଣାସ,୨।୩(ସ୍ୱ.ପ୍ର.):** କଣାସ ବ୍ଲକ ଅନ୍ତର୍ଗତ ବଡାସ ଗ୍ରାମପଞ୍ଚାୟତର ବାଲିପାଟଣା ଗ୍ରାମର ବିଏସ୍‌ଏଫ୍ ଯବାନ ଗଦାଧର ବେହେରାଙ୍କ ମଙ୍ଗଳବାର ମୃତ୍ୟୁ ହୋଇଛି। ଗଦାଧର ୮୬ ବିଏନ୍ ବିଏସ୍‌ଏଫ୍ ରେଜିମେଣ୍ଟରେ ପଶ୍ଚିମବଙ୍ଗର ମୁର୍ସିଦାବାଦରେ କାର୍ଯ୍ୟ କରୁଥିବା ସମୟରେ ଅସୁସ୍ଥ ହୋଇଥିଲେ। ତାଙ୍କୁ ଚିକିତ୍ସା ପାଇଁ ଡାକ୍ତରଖାନାକୁ ନେଇଥିଲେ ହେଁ ଡାକ୍ତର ମୃତ ଘୋଷଣା କରିଥିଲେ। ଏହି ଖବର ରେଜିମେଣ୍ଟ ପକ୍ଷରୁ କଣାସ ଥାନା ଏବଂ ତାଙ୍କ ପରିବାରକୁ ଜଣାଇ ଦିଆଯାଇଛି। ଗଦାଧରଙ୍କ ମରଶରୀର ୩ ତାରିଖରେ ପରିବାର ପାଖରେ ପହଞ୍ଚିବ। ଗଦାଧରଙ୍କ ସ୍ତ୍ରୀ ଓ ୫ ଝିଅ ଅଛନ୍ତି।

### ଶାନ୍ତି ପଦଯାତ୍ରା

**ପିପିଲି, ୨।୩(ସ୍ୱ.ପ୍ର.):** ମହାଶିବରାତ୍ରି ଉପଲକ୍ଷେ ବୁଧବାର ପିପିଲି ପ୍ରଜାପିତା ବ୍ରହ୍ମାକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ପକ୍ଷରୁ ଶାନ୍ତି ପଦଯାତ୍ରା ବ୍ରହ୍ମାକୁମାରୀ ସରସ୍ୱତୀ ଓ ଉର୍ମିଳାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମସ୍ତ ବ୍ରହ୍ମାକୁମାରୀ ଓ କୁମାରମାନେ ପିପିଲି ଈଶ୍ୱରୀୟ ବିଶ୍ୱବିଦ୍ୟାଳୟଠାରୁ ଏକ ପଦଯାତ୍ରାରେ ବାହାରି ପିପିଲି ବଜାର ପରିକ୍ରମା କରିଥିଲେ। ବାଟରେ ସଦସ୍ୟମାନେ ସାଧାରଣ ଲୋକଙ୍କୁ ଶିବଙ୍କ ଆଧାତ୍ମିକ ପତ୍ର ବାଣ୍ଟିଥିଲେ। ପରେ ବିଶ୍ୱବିଦ୍ୟାଳୟ ପରିସରରେ ମୁଖ୍ୟ ଅତିଥି ଭାବେ ପିପିଲି ବ୍ଲକ ଉପାଧକ୍ଷ ଯୁଧିଷ୍ଠିର ସ୍ୱାଇଁ ଯୋଗଦେଇ ପ୍ରଜାପିତା ବ୍ରହ୍ମାକୁମାରୀ ପତାକା ଉତ୍ତୋଳନ କରିଥିଲେ। ସମ୍ମାନିତ ଅତିଥି ଭାବେ ଅବସରପ୍ରାପ୍ତ ଶିକ୍ଷକ ରଘୁନାଥ ଜେନା ଯୋଗଦେଇ ଆଧାତ୍ମିକ ଚେତନା ଉପରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ଅନୁଷ୍ଠାନର ବି.କେ. ଶତ୍ରୁଘ୍ନ, ବି.କେ. ଅକ୍ଷୟ, ଶକ୍ତି, ଜିତୁ, ବିକେ ବିଦ୍ୟାଧର, ସୁଧା ଭାଇ, ବସନ୍ତଙ୍କ ସହ ସମସ୍ତ ବ୍ରହ୍ମାକୁମାରୀ ଓ କୁମାରମାନେ ଏଥିରେ ସହଯୋଗ କରିଥିଲେ। ସନ୍ଧ୍ୟାରେ ସ୍ଥାନୀୟ ଅନୁଷ୍ଠାନ ପକ୍ଷରୁ ମକରବା ନିକଟସ୍ଥ ଶିବ ମନ୍ଦିର ପ୍ରାଙ୍ଗଣରେ ଆଧାତ୍ମିକ ଚିତ୍ର ପ୍ରଦର୍ଶନୀ ମେଳା ଅନୁଷ୍ଠିତ ହୋଇଥିଲା।

### ପ୍ରଧାନ ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା

**ପୁରୀ ଅଫିସ, ୨।୩:** କୃଷ୍ଣପ୍ରସାଦ ବ୍ଲକ ଅଧୀନ ବ୍ରହ୍ମପୁର ଉଚ୍ଚ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ସୁଦର୍ଶନ ଦାଶଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ବରିଷ୍ଠ ଶିକ୍ଷକ ପ୍ରକାଶ ଚନ୍ଦ୍ର ମହାନ୍ତିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ଭାବେ ପୁରୀ ଜିଲା ଭାରପ୍ରାପ୍ତ ଶିକ୍ଷା ଅଧିକାରୀ ମମତା ମିଶ୍ର ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଜିଲା ଶିକ୍ଷା କାର୍ଯ୍ୟାଳୟର ପୂର୍ବତନ ବିତ୍ତ ଅଧିକାରୀ ଏକାଦଶୀ ଜେନା ଯୋଗଦେଇ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ଓ ଜଣେ ଶିକ୍ଷକର ଭୂମିକା ସମ୍ପର୍କରେ ଆଲୋଚନା କରିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲା ଶିକ୍ଷାଧିକାରୀ ହିମାଂଶୁ ଭୂଷଣ ସାମର୍ଥ, କେଦାରନାଥ ଜେନା, ଲିଙ୍ଗରାଜ ଜେନା, ନରେନ୍ଦ୍ର କୁମାର ସାମଲ, ଓଷ୍ଟା ସଭାପତି ବିନୋଦ ବିହାରୀ ପାଣିଗ୍ରାହୀ, ଯୁଗ୍ମ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାଶ, ଅଶୋକ କୁମାର ମହାପାତ୍ର, ଶଙ୍କର କୁମାର ସୁବୁଦ୍ଧି, ପ୍ରଦୀପ ପଲାଇ, ଲକ୍ଷ୍ମୀଧର ଉପାଧ୍ୟାୟ, ନବକିଶୋର ପ୍ରଧାନ ଏବଂ ସନାତନ ତରାଇ ଯୋଗଦେଇଥିଲେ। ସଭାକୁ ପବିତ୍ର ମୋହନ ଦାସ, ଅଶୋକ ଜେନା, ରମେଶ ପଣ୍ଡା ଏବଂ ଜେମୁଲ ହୋସେନ ପରିଚାଳନା କରିଥିଲେ।

# ବ୍ଲକ ଅଧ୍ୟକ୍ଷ ପଦ ପାଇଁ ବିଜେଡି ଆଶାବାଦୀ

**ନିମାପଡ଼ା,୨।୩(ଡି.ଏନ.ଏ)**

ପଞ୍ଚାୟତ ନିର୍ବାଚନରେ ବିଜେଡି ଆଶାତୀତ ସଫଳତା ହାସଲ କରିଛି। ନିମାପଡ଼ା ବ୍ଲକର ୪ଟି ଜିଲା ପରିଷଦ ଜୋନ୍(୧୮, ୧୯, ୨୦ ଓ ୨୧)ରେ ବିଜେଡି ପ୍ରାର୍ଥୀମାନେ ବିପୁଳ ସଂଖ୍ୟା ଭୋଟରେ ବିଜୟୀ ହୋଇଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ୨୦୧୭ ନିର୍ବାଚନରେ ୨୧ନଂ. ଜୋନ୍‌ଟି ଭାଜପା ଦଳ ଦଖଲ କରିଥିବା ବେଳେ ଚଳିତଥର ବିଜେଡି ଏହି ଜୋନ୍‌କୁ କବଜା କରିଦେଇଛି। ନିମାପଡ଼ା ବ୍ଲକର ୩୨ପଞ୍ଚାୟତ ମଧ୍ୟରୁ ୨୨ଟିରେ ବିଜେଡି ସମର୍ଥିତ ସମିତିସଭ୍ୟ ଓ ୨୦ଟି ସରପଞ୍ଚ ପ୍ରାର୍ଥୀ ବିଜୟୀ ହୋଇଥିବା ଗଣଶିକ୍ଷା ମନ୍ତ୍ରୀ ସମୀର ରଞ୍ଜନ ଦାଶ, ବ୍ଲକ ବିଜେଡି ସଭାପତି ଅଶୋକ ସାହୁ ଦାବି କରିଛନ୍ତି। ସେହିପରି ଭାଜପା ସମର୍ଥିତ ୧୦ଟି ସମିତିସଭ୍ୟ ଓ ୧୨ଟି ସରପଞ୍ଚ ପଦବୀ ହାସଲ କରିଥିବା ଭାଜପା ନେତ୍ରୀ ପ୍ରଭାତି ପରିଡ଼ା ଓ ଦଳର ନିମାପଡ଼ା ମଣ୍ଡଳ ସଭାପତି ମାନସ ପ୍ରଧାନ ଦାବି କରିଛନ୍ତି। ନିର୍ବାଚନ ଫଳାଫଳ ଅନୁଯାୟୀ, ବିଜେଡି ଏକାକୀ ସଂଖ୍ୟା ଗରିଷ୍ଠତା ହାସଲ କରିଥିବାରୁ ପୁନଶ୍ଚ ନିମାପଡ଼ା ପଞ୍ଚାୟତ ସମିତି ପଦ ଦଖଲ କରିବା ନେଇ ଆଶାବାଦୀ ରହିଛି। ଚଳିତଥର ବିଜେଡି ପଞ୍ଚାୟତ ସମିତି ଦଖଲ କରିଲେ ୫ମଥର ହେବ।

ଏ ସମ୍ପର୍କରେ ଗଣଶିକ୍ଷା ମନ୍ତ୍ରୀ ଦାଶ କହିଛନ୍ତି, ମୁଖ୍ୟମନ୍ତ୍ରୀଙ୍କ ବିଭିନ୍ନ ସଫଳତା, ଜନକଲ୍ୟାଣ ଯୋଜନା ଓ ଗ୍ରାମାଞ୍ଚଳର ବିକାଶ ହିଁ ବିଜେଡିକୁ ଆଶାତୀତ ସଫଳତା ଆଣିଦେଇଛି। ସେହିଭଳି ନିମାପଡ଼ା ନିର୍ବାଚନମଣ୍ଡଳୀରେ ଗଣଶିକ୍ଷା ମନ୍ତ୍ରୀ ଦାଶଙ୍କ ଦୃଢ଼ ସଂଗଠନ, ବଳିଷ୍ଠ ନେତୃତ୍ୱ ଦଳକୁ ଶକ୍ତିଶାଳୀ କରିବା, ବିକାଶମୂଳକ କାର୍ଯ୍ୟକ୍ରମ ଏହି ନିର୍ବାଚନରେ ଦଳକୁ ଓ ଦଳୀୟ ପ୍ରାର୍ଥୀଙ୍କୁ ବିଜୟ କରାଇ ସଫଳତା ଦେଇଥିବା ଦଳର ବିଜୟୀ ଜିଲା ପରିଷଦ ସଭ୍ୟ ସସ୍ମିତା ନାୟକ, ପ୍ରଦୀପ୍ତ ଖଟୋଇ, କୁଞ୍ଜଲତା ସାମଲ, ରବୀନ୍ଦ୍ରନାଥ ମଲ୍ଲିକଙ୍କ ସମେତ ବିଜୟୀ ସରପଞ୍ଚ ଓ ସମିତିସଭ୍ୟମାନେ ମତବ୍ୟକ୍ତ କରିଛନ୍ତି। ଅନ୍ୟପକ୍ଷରେ ଜିଲା ପରିଷଦ ଜୋନଗୁଡ଼ିକରେ ଜନମତ ପରିବର୍ତ୍ତନ କରିବାରେ ଭାଜପା ବିଫଳ ହୋଇଥିବାରୁ ଏହି ନିର୍ବାଚନରେ ଦଳ ପରାଜୟ କରିଥିବା ଭାଜପା ନେତ୍ରୀ ପ୍ରଭାତି ପରିଡ଼ା କହିଛନ୍ତି। ତୃଣମୂଳ ସ୍ତରରେ ଭାଜପାର ଶକ୍ତି ବୃଦ୍ଧି ପାଇଥିବାରୁ ଦଳୀୟ ସମର୍ଥିତ ବହୁ ସରପଞ୍ଚ, ସମିତିସଭ୍ୟ, ୱାର୍ଡସଭ୍ୟମାନେ ବିଜୟୀ ହୋଇଛନ୍ତି ବୋଲି ପରିଡ଼ା କହିଛନ୍ତି। ବିଶେଷ କଥା ହେଲା ନିମାପଡ଼ାର ୪ଟି ଜୋନ୍‌ରେ ଭାଜପା ଓ କଂଗ୍ରେସ ଆଦୌ ଖାତା ଖୋଲିପାରି ନ ଥିବା ଦୁର୍ଭାଗ୍ୟଜନକ ବିଷୟ ବୋଲି ରାଜନୈତିକ ପର୍ଯ୍ୟବେକ୍ଷକମାନେ ମତବ୍ୟକ୍ତ କରିଛନ୍ତି। ଆସନ୍ତା ୧୨ତାରିଖରେ ବ୍ଲକର ଅଧ୍ୟକ୍ଷ ପଦ ଓ ୨୩ରେ ଉପାଧ୍ୟକ୍ଷ ପଦ ପାଇଁ ନିର୍ବାଚନ ଅନୁଷ୍ଠିତ ହେବା ସହ ଆସନ୍ତା ୧୧ତାରିଖରେ ନାଏବ ସରପଞ୍ଚ ପଦ ପାଇଁ ନିର୍ବାଚନ ହେବ ବୋଲି ବିଡିଓ ବସନ୍ତ ମଲ୍ଲିକ ସୂଚନା ଦେଇଛନ୍ତି।

## କୋଣାର୍କ ଏନ୍‌ଏସି: ବିଜେଡିରୁ ୮ ଆଶାୟୀ ପ୍ରାର୍ଥୀ

### ଭାଜପା, କଂଗ୍ରେସର ଅଙ୍କକଷା ଚାଲିଛି

**କୋଣାର୍କ,୨।୩(ଡି.ଏନ୍.ଏ.)**

ଚଳିତବର୍ଷ ପୌର ନିର୍ବାଚନ ପାଇଁ ବୁଧବାର ୨ ରୁ ୭ତାରିଖ ମଧ୍ୟରେ ପ୍ରାର୍ଥିପତ୍ର ଦାଖଲ କରିବାକୁ ସମୟ ରହିଛି। ଏଥିପାଇଁ କୋଣାର୍କ ଏନ୍‌ଏସିରେ ମହିଳା ଅଧ୍ୟକ୍ଷା ପ୍ରାର୍ଥୀଙ୍କୁ ନେଇ ବିଜେଡି, ଭାଜପା ଓ କଂଗ୍ରେସ ଦଳର ମୁଖିଆଙ୍କ ପକ୍ଷରୁ ବୈଠକ ହେଉଛି। ୧୩ଟି ୱାର୍ଡକୁ ନେଇ ଗଠିତ ଏନ୍‌ଏସିବାସୀଙ୍କ ଭୋଟ ହାତେଇବା ପାଇଁ ସ୍ୱତନ୍ତ୍ର ଅଙ୍କକଷା ଆରମ୍ଭ ହୋଇଯାଇଛି। ଚଳିତବର୍ଷ କୋଣାର୍କରେ ଅଧ୍ୟକ୍ଷ ପଦ ପ୍ରତ୍ୟକ୍ଷ ନିର୍ବାଚନ ହେବାକୁ ନେଇ ଓ ମହିଳା ପ୍ରାର୍ଥୀ ଭାବେ ପ୍ରଥମଥର ସଂରକ୍ଷଣ ହେଇଥିବାରୁ ଯୋଗ୍ୟ ପ୍ରାର୍ଥୀଙ୍କୁ ସ୍ଥାନ ଦେବା ନିମନ୍ତେ ବିଭିନ୍ନ ଦଳ ପକ୍ଷରୁ ପ୍ରୟାସ ଜାରିରହିଛି। ଗୋଟିଏ ପଟେ ବିଜେଡି ଦଳରେ କିଏ ଉପଯୁକ୍ତ ପ୍ରାର୍ଥୀ ହେବ ତାକୁ ନେଇ ଦଳ ଚୟନ କରି ନ ଥିବାବେଳେ ଅନେକ ଆଶାୟୀ ଥିବାରୁ ଗୋଷ୍ଠୀ କନ୍ଦଳ ହେବା ଆଶଙ୍କା ଦେଖାଦେଇଛି। ବିଜେଡିରୁ ୧ ଓ ୨ ନଂ. ୱାର୍ଡରୁ ଜଣେ ଲେଖାଏ ପ୍ରାର୍ଥୀ, ୪ ନଂ. ୱାର୍ଡରୁ ୨ଜଣ, ୭ ନମ୍ବର ୱାର୍ଡରୁ ୨ଜଣ, ୧୦ ଓ ୧୧ ନଂ.ୱାର୍ଡ ରୁ ଜଣେ ଲେଖାଏ ଆଶାୟୀ ସମୁଦାୟ ୮ ଜଣ ପ୍ରାର୍ଥୀ ନିଜର ଏକ ଦରଖାସ୍ତ ଷ୍ଟିଅରିଂ କମିଟି ନିକଟରେ ଦାଖଲ କରିଛନ୍ତି। କୋଣାର୍କ ବିଜେଡି ଦଳରେ ଥିବା ୮ଜଣ ଆଶାୟୀଙ୍କ ମଧ୍ୟରେ ୪ ନମ୍ବର ୱାର୍ଡର ଚୁନିଲତା ନାୟକ ଓ ୭ ନମ୍ବର ୱାର୍ଡର ସରିତା ଧଳ ଶିକ୍ଷିତା, ଦକ୍ଷତାକୁ ନେଇ ଅଧ୍ୟକ୍ଷ ପଦବୀ ନିମନ୍ତେ ଲବିରେ ଶୀର୍ଷରେ ରହିଛନ୍ତି। କୋଣାର୍କ ଏନ୍ ଏସି ଦୀର୍ଘ ୫ବର୍ଷ ଶାସକ ଦଳର ଅଧୀନରେ ପରିଚାଳିତ ହେବା ପରେ ଜିଲା ପ୍ରସାଶନ ଦ୍ୱାରା ୩ ବର୍ଷ ପରିଚାଳିତ ହୋଇଥିଲା। ଦୀର୍ଘ ୮ ବର୍ଷ ପରେ ଚଳିତବର୍ଷ ପୌର ନିର୍ବାଚନ ହେବାକୁ ନେଇ ତିନି ଦଳ(ବିଜେଡି, ଭାଜପା ଓ କଂଗ୍ରେସ) ମଧ୍ୟରେ ଉଷ୍ମତା ଜାରି ରହିଥିଲା ବେଳେ ଏବେ ଏକ ନୂତନ ଦଳ ଭାବେ ଆମ ଆଦମୀ ପାର୍ଟି ନିର୍ବାଚନ ରଣାଙ୍ଗନକୁ ଓହ୍ଲାଇବା ନେଇ ଦଳ ପକ୍ଷରୁ ସୂଚନା ମିଳିଛି।

## ପ୍ରଥମ ଦିବସରେ ନାମାଙ୍କନ ଶୂନ

**ନିମାପଡ଼ା,୨।୩ (ଡି.ଏନ.ଏ)**

ମାର୍ଚ୍ଚ ୨୪ତାରିଖରେ ଏନ୍‌ଏସି ନିର୍ବାଚନ ପାଇଁ ବିଜ୍ଞପ୍ତି ପ୍ରକାଶ ପାଇବା ପରେ ନିମାପଡ଼ା ଏନ୍‌ଏସିରେ ରାଜନୈତିକ ଉଷ୍ମତା ବେଶ୍ ସରଗରମ ହୋଇଉଠିଛି। ବୁଧବାର ୨ ଠାରୁ ୭ତାରିଖ ପର୍ଯ୍ୟନ୍ତ ନାମାଙ୍କନ ପତ୍ର ଦାଖଲ ପାଇଁ ତାରିଖ ଧାର୍ଯ୍ୟ ହୋଇଥିବା ବେଳେ ପ୍ରଥମଦିବସରେ ଏହି ଏନ୍‌ଏସିରେ କେହି ଜଣେ ହେଲେ ପ୍ରାର୍ଥୀ ନାମାଙ୍କନପତ୍ର ଦାଖଲ କରି ନ ଥିବା ଏନ୍‌ଏସି କାର୍ଯ୍ୟାଳୟ ସୂତ୍ରରୁ ସୂଚନା ମିଳିଛି। ବିଜେଡି, ଭାଜପା ସମେତ ବିଭିନ୍ନ ରାଜନୈତିକ ଦଳରର ନେତାମାନଙ୍କର ଏନ୍‌ଏସିର ଅଧ୍ୟକ୍ଷ ପଦବୀ ଓ କାଉନସିଲର ପଦବୀ ଚୟନ ନିମନ୍ତେ ଅଙ୍କକଷା ସରି ନ ଥିବାରୁ ବିଭିନ୍ନ ଦଳ ପକ୍ଷରୁ ପ୍ରାର୍ଥୀ ଚୟନ ଅହେତୁକ ବିଳମ୍ବ ହେଉଛି। ମୁଖ୍ୟତଃ ଏନ୍‌ଏସିର ଅଧ୍ୟକ୍ଷ ପଦବୀଟି ମହିଳାଙ୍କ ପାଇଁ ସଂରକ୍ଷିତ ରହିଥିବାରୁ ବିଜେଡି ଓ ଭାଜପା ପକ୍ଷରୁ କିଏ ପ୍ରାର୍ଥୀ ଦେବେ ତାହା ସ୍ପଷ୍ଟ ହୋଇନି। ସେହିଭଳି ୧୧ଟି ୱାର୍ଡରେ କାଉନ୍‌ସିଲର ପଦବୀ ନିମନ୍ତେ ମଧ କୌଣସି ଦଳ ପକ୍ଷରୁ ପ୍ରାର୍ଥୀ ଚୟନ ସ୍ପଷ୍ଟ ହୋଇପାରିନି।

## ପାର୍ଥିବ ଶିବଲିଙ୍ଗ ପୂଜନ, ରୁଦ୍ରାଭିଷେକ

**ପୁରୀ ଅଫିସ, ୨।୩**

ଶାରଦା ଦେବୀ ରୋଡ୍‌ସ୍ଥିତ ଶାରଦା ଗାର୍ଡେନ ପରିସରରେ ଶିବାର୍ଚ୍ଚନ ସମିତି ଓ ଶ୍ରୀରାମ ସୁନ୍ଦରାକାଣ୍ଡ ଚାରିଟେବୁଲ ଟ୍ରଷ୍ଟର ମିଳିତ ଆନୁକୂଲ୍ୟରେ ୧୦ତମ ମହାଶିବରାତ୍ରି ପାଳନ କରାଯାଇଛି। ବୈଦିକ ବ୍ରାହ୍ମଣ ଓ ମାନସିକଧାରୀମାନେ ପାର୍ଥିବ ଶିବଲିଙ୍ଗ ପୂଜା କରିବା ସହିତ ରୁଦ୍ରାଭିଷେକ, କାଳସର୍ପ ପୂଜା, ଶିବ ସହସ୍ର–ନାମାର୍ଚ୍ଚନ, ଶିବ ଦିବ୍ୟ ସ୍ତୋତ୍ର ପାଠ ଓ ଭଜନ ସଂକୀର୍ତ୍ତନ କରାଯାଇଥିଲା। ଶ୍ରୀମନ୍ଦିର ସେବାୟତ ରଜତ କୁମାର ପ୍ରତିହାରୀ, ଶ୍ରୀରାମ ସୁନ୍ଦରାକାଣ୍ଡ ଚାରିଟେବୁଲ ଟ୍ରଷ୍ଟ ପ୍ରତିଷ୍ଠାତା ତଥା ସମ୍ପାଦକ ପଣ୍ଡିତ ବିଷ୍ଣୁ ଚରଣ ପଣ୍ଡାଜୀ ମହାରାଜ ଏବଂ ଅନ୍ତର୍ରାଷ୍ଟ୍ରୀୟ ଜ୍ୟୋତିଷ ଆଚାର୍ଯ୍ୟ ତଥା ଶିବାର୍ଚ୍ଚନ ସମିତିର ମୁଖ୍ୟ ନିତ୍ୟାନନ୍ଦ କର ପ୍ରମୁଖ ଶିବଲିଙ୍ଗ ପୂଜନ ସହ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୈଦିକ ପଣ୍ଡିତ ବଳରାମ ମିଶ୍ର ପୁରୋଧା ଦାୟିତ୍ୱ ତୁଲାଇଥିଲେ। ଧନଞ୍ଜୟ ମୁଣ୍ଡ, ଅଞ୍ଜଳି ମୁଣ୍ଡ, ଗଣେଶ୍ୱର ପଣ୍ଡା, ମନୋଜ କୁମାର ପଣ୍ଡା, ପୁରୁଷୋତ୍ତମ ପଣ୍ଡା, ଅର୍ଚ୍ଚନା ପଣ୍ଡା ଏବଂ ମନୋଜ କୁମାର ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ। ସେହିପରି ଖାକିମଠ ନୂଆସାହି କପାଳେଶ୍ୱର ମନ୍ଦିରରେ ଜାଗର ଯାତ୍ରା ପାଳିତ ହୋଇଯାଇଛି। ଶ୍ରୀ ଶ୍ରୀ ବାବା କପାଳେଶ୍ୱର ଉନ୍ନୟନ ପରିଷଦ ପକ୍ଷରୁ କୋଭିଡ୍ କଟକଣା ମଧ୍ୟରେ ଜାଗରଯାତ୍ରା ପାଳନ କରାଯାଇଛି। ରାତ୍ର ୧୨ଟାରେ ମହାଦୀପ ଉଠିଥିଲା। ଉପଦେଷ୍ଟା ବିଜୟ ମୋହନ ଦାଶ, ସଭାପତି ସୂର୍ଯ୍ୟନାରାୟଣ ଦାଶ, ଉପସଭାପତି ଚିତ୍ତରଞ୍ଜନ ପଟ୍ଟନାୟକ, ସମ୍ପାଦକ ଅଶୋକ କୁମାର ସାମନ୍ତରାୟ, କୋଷାଧ୍ୟକ୍ଷ ରଜତ କୁମାର ଦାସ, ସହସମ୍ପାଦକ ଭାଗିରଥୀ ବେହେରା କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ରାଜ୍ୟସ୍ତରୀୟ ଓପନ୍ ବ୍ୟାଡମିଣ୍ଟନ ଟୁର୍ନାମେଣ୍ଟ ଉଦ୍‌ଯାପିତ



ପୁରୀରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଓପନ ବ୍ୟାଡ୍‌ମିଣ୍ଟନ ଟୁର୍ନାମେଣ୍ଟର ଉଦ୍‌ଯାପନୀ ଦିବସରେ ଟ୍ରଫି ସହ ଚାମ୍ପିୟନ ଦଳର ଖେଳାଳି ଏବଂ ଅତିଥି।

**ପୁରୀ ଅଫିସ,୨।୩**

ଶ୍ରୀହରି ବ୍ୟାଡ୍‌ମିଣ୍ଟନ କ୍ଲବ ପକ୍ଷରୁ ପୁରୀ ଚୁଡ଼ଙ୍ଗ ସାହିସ୍ଥିତ ବ୍ୟାଡ୍‌ମିଣ୍ଟନ କୋର୍ଟ ପରିସରରେ ଚାଲିଥିବା ରାଜ୍ୟସ୍ତରୀୟ ଓପନ୍ ବ୍ୟାଡ୍‌ମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ ହୋଇଯାଇଛି। ପ୍ରତିଯୋଗିତାର ପୁରୁଷ ବିଭାଗରେ ପୁରୀର ଗୌରବ ବେହୁରା ଓ ଭୁବନେଶ୍ୱରର ଆଦିତ୍ୟ ଚାମ୍ପିୟନ ହୋଇଥିବା ବେଳେ ଭୁବନେଶ୍ୱରର ବାଷ୍ଟା ଓ ବାପି ରର୍ନସ ଅପ୍ ହୋଇଛନ୍ତି। ସେହିପରି ଭେଟେରାନ୍ ଡବଲ ଚାମ୍ପିଆନଶିପ୍‌ରେ ପୁରୀର ସୁଶାନ୍ତ ଏବଂ ଖୋର୍ଦ୍ଧାର ଶୁଭ ଚାମ୍ପିୟନ ହୋଇଥିବାବେଳେ କଟକର ଅଶୋକ ଓ ପ୍ରକାଶ ରର୍ନସ ଅପ୍ ହୋଇଛନ୍ତି। ଅଣ୍ଡର ୧୯ରେ ଡବଲ୍ସ ଚାମ୍ପିୟନ ଭାବେ ସଙ୍କେତ ଓ ଅମରେଶ ପୁରସ୍କୃତ ହୋଇଥିବାବେଳେ ରୋନକ୍ ଓ ନିଶାନ ରନର୍ସ ଅପ୍ ହୋଇଛନ୍ତି।ସେହିପରି ଅଣ୍ଡର– ୧୯ ସିଙ୍ଗଲ ପ୍ରତିଯୋଗିତାରେ ସଙ୍କେତ ଚାମ୍ପିୟନ ଆଖ୍ୟା ଅର୍ଜନ କରିଛନ୍ତି। କୃତି ପ୍ରତିଯୋଗୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଛି। କ୍ଲବର ସମ୍ପାଦକ ସୁକାନ୍ତ କୁମାର ବିଶ୍ୱାଳ, ସଭାପତି ସନ୍ତୋଷ କୁମାର ପଲେଇ, କୋଷାଧ୍ୟକ୍ଷ ବିଶ୍ୱଜିତ୍ ପ୍ରଧାନ ପ୍ରମୁଖ ଏହି ଟୁର୍ନାମେଣ୍ଟକୁ ପରିଚାଳନା କରିଥିଲେ। ଅଫିସିଆଲ ଭାବେ ଜିତେନ୍ଦ୍ର କୁମାର ମହାନ୍ତି ଉପସ୍ଥିତ ଥିଲେ।

## ୨ଜୋନ୍‌ର ବିଜୟୀ ସରପଞ୍ଚ, ସମିତିସଭ୍ୟ

**ନିମାପଡ଼ା,୨।୩ (ଡି.ଏନ.ଏ.)**

ନିମାପଡ଼ା ବ୍ଲକର ୨୦ନଂ. ଜୋନ୍‌ର ଚଉଁରପଦା ପଞ୍ଚାୟତର ସରପଞ୍ଚ ତପନ କୁମାର ମଲ୍ଲିକ, ସମିତିସଭ୍ୟ ଶକୁନ୍ତଳା ନାୟକ, ଡେଣ୍ଡୁଅଁର ସରପଞ୍ଚ ପୁଷ୍ପାଞ୍ଜଳି ସେଠୀ, ସମିତିସଭ୍ୟ କାମିନବାଳା ପରିଡ଼ା, ବଡ଼ମାଛପୁର ସରପଞ୍ଚ ଅଶୋକ ଭୋଇ, ସମିତିସଭ୍ୟ ରଞ୍ଜନ ସେଠୀ, ଭିଲିଗ୍ରାମର ସରପଞ୍ଚ ଅରବିନ୍ଦ ମଲ୍ଲିକ, ସମିତିସଭ୍ୟ ଧନୀ ମାଝୀ, ଭୋଗଶାଳଦାର ସରପଞ୍ଚ ବିଶ୍ୱନାଥ ସେନାପତି, ସମିତିସଭ୍ୟ ସଭ୍ୟାରାଣୀ ବିଶ୍ୱାଳ, ମିଟେଇପୁର ସରପଞ୍ଚ ପବିତ୍ରମୋହନ ପ୍ରଧାନ, ସମିତିସଭ୍ୟ ଶଙ୍କର ଭୋଇ, ରଟିଲୋର ସରପଞ୍ଚ ମନସ୍ୱିନୀ ବେହେରା, ସମିତିସଭ୍ୟ ପ୍ରଭାକର ମଲ୍ଲିକ, ଶଗଡ଼ା ସରପଞ୍ଚ ମଧୁସ୍ମିତା ସାହୁ, ସମିତିସଭ୍ୟ ତପନ ପ୍ରଧାନ ପ୍ରମୁଖ ବିଜୟୀ ହୋଇଛନ୍ତି। ୨୧ନଂ. ଜୋନ୍‌ର କଳାପାଞ୍ଚଣର ସରପଞ୍ଚ ଗୀତାଞ୍ଜଳି ଜେନା, ସମିତିସଭ୍ୟ ସସ୍ମିତା ପାତ୍ର, ଛଣିଜଙ୍ଗର ସରପଞ୍ଚ ଅଜୟ ପରିଡ଼ା, ସମିତିସଭ୍ୟ ଲକିବାଳା ନାୟକ, ତମ୍ପାଲୋ ସରପଞ୍ଚ ସସ୍ମିତା ଖଟୋଇ, ସମିତିସଭ୍ୟ ସୁମିତ୍ରା ସ୍ୱାଇଁ, ତୁଳସୀପୁର ସରପଞ୍ଚ ମଞ୍ଜୁଶ୍ରୀ ଭୋଇ, ସମିତିସଭ୍ୟ ଝରଣା ସାହୁ, ତେରୁଣ୍ଡିଆ ସରପଞ୍ଚ ନିରୁପମା ପ୍ରଧାନ, ସମିତିସଭ୍ୟ ତିଳୋତ୍ତମା ବାରିକ, ବାହାରେଣା ସରପଞ୍ଚ ଅମିତା ସ୍ୱାଇଁ, ସମିତିସଭ୍ୟ ସନ୍ତୋଷ ମେକାପ, ଭୋଦରର ସରପଞ୍ଚ ଚାରୁଲତା ବେହେରା ଓ ସମିତିସଭ୍ୟ ସୁନୀତା ସିଂ ବିଜୟୀ ହୋଇଛନ୍ତି।

## ବିଳମ୍ବରେ ଉଠିଲା ମହାଦୀପ

**ପୁରୀ ଅଫିସ, ୨।୩**



ମହାଶିବରାତ୍ରୀ ପାଇଁ ମଙ୍ଗଳବାର ଶ୍ରୀଲୋକନାଥଙ୍କ ପୀଠରେ ଶ୍ରଦ୍ଧାଳୁଙ୍କ ପ୍ରବଳ ସମାଗମ ହୋଇଥିଲା। ଶ୍ରୀଲୋକନାଥ ଟ୍ରଷ୍ଟ ବୋର୍ଡ ଏବଂ ପ୍ରଶାସନ ମଧ୍ୟରେ ଆଲୋଚନା ଅନୁଯାୟୀ ରାତି ୧୨ଟାରୁ ଦର୍ଶନ ବନ୍ଦ କରାଯାଇ ହରିହର ଭେଟ ସହ ବିଭିନ୍ନ ନୀତି ସମ୍ପନ୍ନ କରାଯାଇ ଭୋର ୪ଟାରେ ମନ୍ଦିର ଚୂଡ଼ାକୁ ମହାଦୀପ ଉଠିବା ପାଇଁ ସ୍ଥିର କରାଯାଇଥିଲା। ତେବେ ସମସ୍ତ ନୀତିକାନ୍ତି ଶୃଙ୍ଖଳିତ ଭାବେ ଚାଲିଥିଲେ ମଧ ନିର୍ଦ୍ଧାରିତ ସମୟଠାରୁ ୧ଘଣ୍ଟା ୨୦ ମିନିଟ୍ ବିଳମ୍ବରେ ଅର୍ଥାତ ଭୋର ୫ଟା ୨୦ରେ ମହାଦୀପ ଉଠିଥିଲା। ଏଥିଯୋଗୁ ଭକ୍ତଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ସେହିଭଳି ଦର୍ଶନ ବ୍ୟବସ୍ଥାକୁ ନେଇ ଅନେକ ଶ୍ରଦ୍ଧାଳୁଙ୍କ ଅସନ୍ତୋଷ ବ୍ୟକ୍ତ କରିଥିଲେ।

## ପୁରୁଣା ରେଲୱେ କ୍ୱାର୍ଟର୍ସ ଛାତରୁ ଯୁବକଙ୍କ ମୃତଦେହ ଜବତ

**ପୁରୀ ଅଫିସ, ୨।୩**

ପୁରୁଣା ରେଲୱେ କ୍ୱାର୍ଟର୍ସର ଏକ ଛାତରୁ ଜଣେ ଯୁବକଙ୍କ ମୃତଦେହକୁ ବୁଧବାର କୁମ୍ଭାରପଡ଼ା ଥାନା ପୋଲିସ ଜବତ କରିଛି। ସୂଚନାଯୋଗ୍ୟ, ରେଲୱେ କ୍ୱାର୍ଟର୍ସ ଛାତରେ ମୃତଦେହ ପଡ଼ିଥିବା ଦେଖି ପୁରୀ ଜିଆର୍‌ପି ଘଟଣା ସମ୍ପର୍କରେ କୁମ୍ଭାରପଡ଼ା ଥାନାକୁ ଖବର ଦେଇଥିଲା। ପୋଲିସ ପହଞ୍ଚି ମୃତଦେହ ଜବତ କରି ତଦନ୍ତ ଆରମ୍ଭ କରିଛି। ପ୍ରାରମ୍ଭିକ ତଦନ୍ତରୁ ମୃତକ ବାଲିସାହି ସିଦ୍ଧ ବକୁଳ ଲେନ୍‌ର ଜଗନ୍ନାଥ ରାଓ(୩୦) ବୋଲି ଜଣାପଡ଼ିଛି। ଏ ନେଇ ଏକ ଅପମୃତ୍ୟୁ ମାମଲା (ନଂ. ୪/୨୨) ରୁଜୁ ହୋଇଛି। ମୃତଦେହ ପାଖରୁ ଧାରୁଆ ବ୍ଲେଡ ମିଳିଥିବାରୁ ଓ ହାତ ଭେନ୍ କଟାହୋଇଥିବାରୁ ବ୍ଲେଡ୍‌ରେ ହାତ ଶିରା କାଟି ଆତ୍ମହତ୍ୟା କରିଥିବା ପୋଲିସ ସନ୍ଦେହ କରୁଛି। ତେବେ ଗୁରୁବାର ବ୍ୟବଚ୍ଛେଦ ରିପୋର୍ଟ ଆସିବା ପରେ ପ୍ରକୃତ ତଥ୍ୟ ଜଣାପଡିବ ବୋଲି ଥାନା ଅଧିକାରୀ ବିଚିତ୍ରାନନ୍ଦ ସେଠୀ କହିଛନ୍ତି।

## ଚାହିଦା ଅନୁଯାୟୀ ହସ୍ତଶିଳ୍ପର ବିକାଶ ଜରୁରୀ




କର୍ମଶାଳାରେ ଅତିଥି ଏବଂ ପଟଶିଳ୍ପୀମାନେ।

**ସାକ୍ଷୀଗୋପାଳ,୨।୩(ଡି.ଏନ୍.ଏ.)**

ରଘୁରାଜପୁର ଗ୍ରାମସ୍ଥିତ ପଟଚିତ୍ର ସମ୍ବନ୍ଧୀୟ ପରମ୍ପରା ଅନୁଷ୍ଠାନର ଏକ ନୂତନ ନମୁନା କର୍ମଶାଳା ମଙ୍ଗଳବାର ଉଦ୍‌ଘାଟିତ ହୋଇଯାଇଛି। ଭାରତ ସରକାରଙ୍କ ବସ୍ତ୍ର ମନ୍ତ୍ରଣାଳୟ ଅଧୀନ ବିକାଶ ଆୟୁକ୍ତ(ହସ୍ତଶିଳ୍ପ)ଙ୍କ ପକ୍ଷରୁ ଉକ୍ତ କର୍ମଶାଳାରେ ପଟଶିଳ୍ପୀମାନଙ୍କୁ ଅଧିକ ଡିଜାଇନ ଓ ଟେକ୍ନୋଲୋଜି ସମ୍ପର୍କରେ ଏକ ମାସ ପର୍ଯ୍ୟନ୍ତ ତାଲିମ ପ୍ରଦାନ କରାଯିବ। ଏଥିରେ ମୁଖ୍ୟ ଅତିଥି ଭାବେ ଶିଳ୍ପୀଗୁରୁ ବନମାଳୀ ମହାପାତ୍ର ଓ ସମ୍ମାନିତ ଅତିଥି ଭାବେ ଶିଳ୍ପୀଗୁରୁ ଦୀନବନ୍ଧୁ ମହାପାତ୍ର ଯୋଗଦେଇଥିଲେ। ଅନ୍ୟତମ ଅତିଥି ଭାବେ ଜାତୀୟ ପୁରସ୍କାର ପ୍ରାପ୍ତ ଶିଳ୍ପୀ ଗଙ୍ଗାଧର ମହାରଣା, ପ୍ରଶିକ୍ଷକ ଗୁରୁ ଶରତ କୁମାର ସାହୁ, ଡିଜାଇନର ଶ୍ରୀଧର କୁମାର ଦାସ ଏବଂ ହସ୍ତଶିଳ୍ପ ପଟଚିତ୍ର ଉତ୍ପାଦକ କମ୍ପାନୀର ମୁଖ୍ୟ କାର୍ଯ୍ୟକାରୀ ନିର୍ଦ୍ଦେଶକ ବିଶ୍ୱନାଥ ସ୍ୱାଇଁ ପ୍ରମୁଖ କର୍ମଶାଳା ଉପକାରିତା ସମ୍ପର୍କରେ ଆଲୋଚନା କରିଥିଲେ। ସଂଯୁକ୍ତା ପ୍ରଧାନ ବଜାର ଚାହିଦା ଅନୁଯାୟୀ କଳା ହସ୍ତଶିଳ୍ପର ବିକାଶ ଉପରେ ପ୍ରାଧାନ୍ୟ ଦେଇଥିଲେ। ପରମ୍ପରାର କର୍ମକର୍ତ୍ତାମାନେ ଉଦ୍‌ଘାଟନୀ ଉତ୍ସବରେ ସହଯୋଗ କରିଥିଲେ।

## ନିର୍ବାଚନ ଫଳାଫଳରେ ଚଞ୍ଚକତା ଅଭିଯୋଗ

### ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ଭାଜପାର ଧାରଣା

**ପିପିଲି,୨।୩ (ସ୍ୱ.ପ୍ର.)**

ପିପିଲି ବ୍ଲକରେ ପଞ୍ଚାୟତ ନିର୍ବାଚନ ଫଳାଫଳରେ ଚଞ୍ଚକତା ହୋଇଥିବା ଭାଜପା ପକ୍ଷରୁ ଅଭିଯୋଗ ହୋଇଛି। ଏ ନେଇ ବୁଧବାର ପୁରୀ ଜିଲା ଭାଜପା ସଭାପତି ଆଶ୍ରିତ ପଟ୍ଟନାୟକଙ୍କ ନେତୃତ୍ୱରେ ଶତାଧିକ ମହିଳା ଓ ପୁରୁଷ କର୍ମୀ ବ୍ଲକ କାର୍ଯ୍ୟାଳୟ ଆଗରେ ଧାରଣା ଦେଇଛନ୍ତି। ଶାସକ ଦଳ କଥାରେ ବିଡିଓ ପରିଚାଳିତ ନ ହୋଇ ନିର୍ବାଚନ ଫଳାଫଳକୁ ଠିକ୍ ଭାବେ ଘୋଷଣା କରନ୍ତୁ ବୋଲି ଭାଜପା ଦାବି କରିଥିଲା। ଫଳରେ କିଛି ସମୟ ପାଇଁ କାର୍ଯ୍ୟାଳୟ ଆଗରେ ଉତ୍ତେଜନା ପରିସ୍ଥିତି ଲାଗି ରହିଥିଲା। ପରେ ସେଠାରେ ଜିଲା ଅତିରିକ୍ତ ଏସ୍‌ପି ପୂର୍ଣ୍ଣଚନ୍ଦ୍ର ପ୍ରଧାନ, ପିପିଲି ଏସ୍‌ଡିପିଓ ଦେବଦତ୍ତ ବରାଳ, ପିପିଲି, ଡେଲାଙ୍ଗ, ସତ୍ୟବାଦୀ, କଣାସ, ବଳଙ୍ଗା ଥାନା ଅଧିକାରୀମାନେ ଉପସ୍ଥିତ ରହିବା ସହ ୧ପ୍ଲାଟୁନ ଫୋର୍ସ ମୁତୟନ କରାଯାଇଛି। ଏପରିକି ଏହାକୁ କେନ୍ଦ୍ର କରି ଅପରାହ୍ଣ ୪ଟାରେ ପୁରୀ–ଭୁବନେଶ୍ୱର ଜାତୀୟ ରାଜପଥ ବୀରପୁରୁଷୋତ୍ତମପୁର ଛକରେ ସ୍ଥାନୀୟ ଲୋକେ ଟାୟାର ଜାଳି ରାସ୍ତା ଅବରୋଧ କରି ବିଡିଓଙ୍କ ବିରୋଧରେ ନାରାବାଜି କରିଥିଲେ। ଏଥିଯୋଗୁ ରାସ୍ତାର ଉଭୟ ପାର୍ଶ୍ୱରେ ଯାନବାହନ ଯାତାୟତ ବ୍ୟାହତ ହୋଇଥିଲା। ଖବର ପାଇ ପୁରୀ ଜିଲା ଅତିରିକ୍ତ ଏସ୍‌ପି ପ୍ରଧାନ ଓ ପିପିଲି ଏସ୍‌ଡିପିଓ ଘଟଣାସ୍ଥଳରେ ପହଞ୍ଚି ଲୋକମାନଙ୍କୁ ବୁଝାଶୁଝା କରିବା ପରେ ରାସ୍ତା ଅବରୋଧ ହଟିଥିଲା। ହେଲେ ବ୍ଲକ କାର୍ଯ୍ୟାଳୟରେ କିନ୍ତୁ ରାତି ୭ଟା ପର୍ଯ୍ୟନ୍ତ ଭାଜପା ମହିଳା କର୍ମୀମାନେ ଘେରି ବସିଥିଲେ। ଶେଷରେ ପ୍ରଶାସନ ବୁଝାଶୁଝା କରିବା ପରେ ରାତି ୮ଟାରେ ଆନ୍ଦୋଳନ ହଟିଥିଲା। ଗୁରୁବାର ଏହି ଅଭିଯୋଗକୁ ଜିଲାପାଳଙ୍କ ନିକଟରେ ଦିଆଯିବା ସହ ନିର୍ବାଚନ କମିଶନଙ୍କୁ ଅବଗତ କରାଯିବ ଏବଂ ଆଗାମୀ ଦିନରେ ଏହାକୁ ନେଇ ଆନ୍ଦୋଳନ ଜାରି ରହିବ ବୋଲି ଜିଲା ଭାଜପା ସଭାପତି ପଟ୍ଟନାୟକ କହିଛନ୍ତି।

ସୂଚନା ଅନୁଯାୟୀ, ପଞ୍ଚାୟତ ନିର୍ବାଚନ ପାଇଁ ଗତ୨୮ତାରିଖରେ ଶେଷ ଗଣତି ଦିନରେ ବୀରପୁରୁଷୋତ୍ତମପୁର ଭାଜପା ସମର୍ଥିତ ସମିତିସଭ୍ୟ ପ୍ରାର୍ଥୀ ଶୁଭାଶିଷ ମିଶ୍ର ୭ ଖଣ୍ଡ ଭୋଟରେ ବିଜୟ ହୋଇଥିବା କହୁଥିବାବେଳେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀ ଜଗନ୍ନାଥ ତ୍ରିପାଠୀଙ୍କ ପୁନଃ ଗଣତି ଆବେଦନରେ ବିଡିଓ ଚଞ୍ଚକତା କରି ତାଙ୍କୁ ଜିତାଇଥିବା ଶୁଭାଶିଷ ଅଭିଯୋଗ କରିଛନ୍ତି। ଏପଟେ ବିଡିଓଙ୍କ ଡିକ୍ଲାରେଶନ କାଗଜରେ ଓଭର ରାଇଟିଂ ହେବା ଓ ଏହାକୁ ଟାମ୍ପରିଂ କରାଯାଇ ବିଜେଡି ସମର୍ଥିତ ପ୍ରାର୍ଥୀଙ୍କୁ ଜିତାଇଥିବା ଜିଲା ଭାଜପା ସଭାପତି ଆଶ୍ରୀତ କହିଛନ୍ତି। କିନ୍ତୁ ଏହି ଅଭିଯୋଗକୁ ବିଡିଓ ରଶ୍ମିତା ନାଥ ଖଣ୍ଡନ କରିବା ସହ ନିର୍ବାଚନ ଫଳାଫଳ ଠିକ୍ ଥିବା କହିଛନ୍ତି।



ଭାଜପା କର୍ମୀମାନେ ବିଡିଓଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେଉଛନ୍ତି।